## ଆଜି କ'ଣ କେଉଁଠି

### ବ୍ରହ୍ମପୁର

■ତମ୍ବାଖୁ ନିରୋଧ ସଚେତନତା ରାଲି, ସ୍ଥାନ-ଖଲ୍ଲିକୋଟ କଲେଜ ପଡ଼ିଆ, ସମୟ-ସକାଳ ସାଢ଼େ ୬ଟା ।

■ବିଶ୍ୱ ତମାଖୁ ନିରୋଧ ଦିବସ, ସ୍ଥାନ-ଆଇଇସି ହଲ୍, ସମୟ-ଅପରାହ୍ନ ୪ଟା ।

■ବାସ୍କେଟବଲ୍ ପ୍ରଶିକ୍ଷଣ ଶିବିର ଉଦ୍‌ଯାପନ, ସ୍ଥାନ-ଖଲ୍ଲିକୋଟ କଲେଜ ପଡ଼ିଆ, ସମୟ-ଅପରାହ୍ନ ୫ଟା । ସମୟ- ଅପରାହ୍ନ ୩ଟା

## ସଂକ୍ଷେପରେ

### ହୋଟେଲରୁ ୨ ଶିଶୁ ଶ୍ରମିକ ଉଦ୍ଧାର

**ବ୍ରହ୍ମପୁର ଅଫିସ,୩୦।୫:** ଏକ ହୋଟେଲରେ କାମ କରୁଥିବା ୨ ଶିଶୁ ଶ୍ରମିକଙ୍କୁ ବୈଦ୍ୟନାଥପୁର ଥାନା ପୋଲିସ ସହାୟତାରେ ଚାଇଲଡ୍ ଲାଇନ ଗୁରୁବାର ଉଦ୍ଧାର କରିଛି। ଗଜପତି ନଗର ଛକରେ ଥିବା ଏକ ହୋଟେଲରେ ଚାଇଲଡ୍ ଲାଇନର କର୍ମକର୍ତ୍ତା ଓ ପୋଲିସ ମିଳିତ ଭାବେ ଚଢ଼ାଉ କରିଥିଲେ । ସେଠାରୁ ୨ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରି ଚାଇଲଡ୍ ଲାଇନ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଘରର ଆର୍ଥିକ ସ୍ଥିତି ବହୁ ଖରାପ ଥିବାରୁ ମୁଠେ ଖାଇବା ଓ ଅର୍ଥ ପାଇବା ଆଶାରେ ଆମେ ଏହି ହୋଟେଲରେ କାମ କରୁଛୁ ବୋଲି ଉଭୟ ଶିଶୁ ଶ୍ରମିକ କହିଥିବା ଚାଇଲଡ୍ ଲାଇନ ଅଧିକାରୀ ସୂଚନା ଦେଇଛନ୍ତି । ବାପା ମା'ଙ୍କ ଭରଣପୋଷଣ ପାଇଁ ସେମାନେ ଶିଶୁ ଶ୍ରମିକ ଭାବେ ଖଟିବାକୁ ବାଧ ହୋଇଛନ୍ତି ବୋଲି କହିଛନ୍ତି। ଏଥିରେ ପିତାମାତାଙ୍କ ସହମତି ରହିଥିବା ଚାଇଲଡ୍ ଲାଇନ କର୍ତ୍ତୃପକ୍ଷ କହିଛନ୍ତି । ୨୦୧୬ ଜୁଲାଇ ୧୦ ତାରିଖରେ ଶିଶୁ ଶ୍ରମିକ (ନିଷେଧ ଓ ନିୟନ୍ତ୍ରଣ) ଆଇନ ଅନୁସାରେ ୧୪ ବର୍ଷରୁ କମ ବୟସ୍କ ବାଳିକା ଓ ବାଳକଙ୍କୁ ଶିଶୁ ଶ୍ରମିକ ଭାବେ କାର୍ଯ୍ୟରେ ଲଗାଇବା ଯୋଗୁ ହୋଟେଲ ମାଲିକଙ୍କ ଉପରେ ଜରିମାନା ଓ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଇଛନ୍ତି ସହକାରୀ ଶ୍ରମ ଅଧିକାରୀ ଅଶୋକ ବିଶୋୟୀ। ଉଦ୍ଧାର ଶିଶୁମାନଙ୍କ ପରିବାରକୁ ଖବର ଦିଆଯାଇଛି। ଶୁକ୍ରବାର ଉଦ୍ଧାର ଦୁଇ ଶିଶୁଙ୍କୁ ଶିଶୁ ମଙ୍ଗଳ ସମିତିରେ ହାଜର କରାଯିବ । ପରେ ଶିଶୁ ମଙ୍ଗଳ ସମିତି ତା' ଉପରେ ନିଷ୍ପତ୍ତି ନେବ ବୋଲି ଚାଇଲଡ୍ ଲାଇନ ପକ୍ଷରୁ କୁହାଯାଇଛି। ଚଢ଼ାଉରେ ସହକାରୀ ଶ୍ରମ ଅଧିକାରୀ ଅଶୋକ ବିଶୋୟୀ, ଚାଇଲଡ୍ ଲାଇନ କର୍ମକର୍ତ୍ତା କଲ୍ୟାଣ କୁମାର ସି, ବଳରାମ ମଲିକ, ପ୍ରଭାତ ପାଢ଼ୀ, ବିପିନି ନାହାକ ଓ ମେଡିକାଲ ଫାଣ୍ଡି ଏଏସ୍ଆଇ ରାମକୃଷ୍ଣ ଦାସ ଓ ଅନ୍ୟାନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

### ଶ୍ରମିକ ମୃତ

**ଛତ୍ରପୁର,୩୦।୫(ଡି.ଏନ.ଏ.):** ଛତ୍ରପୁର ଥାନା ସିନ୍ଦରାପଲ୍ଲୀ ଗାଁରେ ଗୁରୁବାର ଜଣେ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ହେଲେ ମଙ୍ଗଳା ପ୍ରଧାନ । ସେ ନିକଟସ୍ଥ ତୋଟାରେ କାମ କରୁଥିବାବେଳେ ହଠାତ୍ ଅଚେତ୍ ହୋଇପଡ଼ିଥିଲେ । ପରେ ତାଙ୍କୁ ଛତ୍ରପୁର ହସ୍ପିଟାଲକୁ ଅଣାଯାଇଥିଲା । ଏଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅଂଶୁଘାତ ଜନିତ ମୃତ୍ୟୁ ହୋଇଥିବା ମଙ୍ଗଳାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି ।

### ଆଇନଜୀବୀଙ୍କ ପରଲୋକରେ ଓକିଲ ସଂଘର ଶୋକସଭା



**ବ୍ରହ୍ମପୁର ଅଫିସ,୩୦।୫:** ଗଞ୍ଜାମ ଓକିଲ ସଂଘର ଜଣେ ଆଇନଜୀବୀ ତ୍ରିବିକ୍ରମ ତ୍ରିପାଠୀ (୫୧)ଙ୍କ ଗୁରୁବାର ଏମ୍‌କେସିଜି ମେଡିକାଲରେ କର୍କଟରୋଗରେ ମୃତ୍ୟୁ ଘଟିଛି। ଏନେଇ ଗଞ୍ଜାମ ଓକିଲ ସଂଘ ତରଫରୁ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ସଭାପତି ରବି ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶୋକସଭାରେ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ତାଙ୍କ ବିୟୋଗରେ ଆସନ୍ତା ୧ ତାରିଖ ଗଞ୍ଜାମ ଜିଲା ଦୌରାଜଜଙ୍କ କୋର୍ଟ ସମେତ ଅନ୍ୟାନ୍ୟ କୋର୍ଟଗୁଡିକରେ ଓକିଲମାନେ କାର୍ଯ୍ୟବନ୍ଦ କରିବା ନେଇ ନିଷ୍ପତ୍ତି ହୋଇଥିବା ସେ କହିଛନ୍ତି । ସଂଘ ତରଫରୁ ଏକ ପ୍ରତିନିଧି ଦଳ ତାଙ୍କ ପରିବାରବର୍ଗଙ୍କ ନିକଟକୁ ଯାଇ ଆର୍ଥିକ ସହାୟତା ପ୍ରଦାନ କରିବେ ବୋଲି ନିଷ୍ପତ୍ତି ହୋଇଛି । ଏଥିରେ ସମ୍ପାଦକ କୈଳାସ ପାଣିଗ୍ରାହୀ, ଉପସଭାପତି ଚିତ୍ତରଞ୍ଜନ ଶତପଥୀ, ଯୁଗ୍ମ ସମ୍ପାଦକ କିରଣ ମଣ୍ଡଳ, ବରିଷ୍ଠ ଆଇନଜୀବୀ ନିର୍ମଳ ସାହୁ, ପୀତବାସ ପଣ୍ଡା, ବନୋଜ ପଟ୍ଟନାୟକ, ରଘୁନାଥ ପାଣିଗ୍ରାହୀ, ଅକ୍ଷୟ ପଟ୍ଟନାୟକ, ରାମ ପଣ୍ଡା, ତପନ ରାଜ, ସଞ୍ଜୟ ମିଶ୍ର, ତପନ ଦାଶ, ବରୁଣ ଗୌଡ଼ଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ ।

---

### ଜିଲାପାଳଙ୍କୁ ଉପକୂଳ ପରିଚାଳନା କର୍ତ୍ତୃପକ୍ଷଙ୍କ ତାଗିଦ

# ଇକୋ-ରିଟ୍ରେଟ୍ ହବ୍ ବନ୍ଦ ନିର୍ଦ୍ଦେଶ

ବ୍ରହ୍ମପୁର ଅଫିସ୍,୩୦।୫

■ସମୁଦ୍ର କୂଳରେ ଚାଲିଥିଲା ଗେଷ୍ଟ ହାଉସ୍ ନିର୍ମାଣ

■ଅଭିଯୋଗ କରିଥିଲା ବେଳାଭୂମି ସୁରକ୍ଷା ପରିଷଦ

■ବେଆଇନ୍ ନିର୍ମାଣକୁ ସୁରକ୍ଷା ଦେଇଥିଲେ ଜିଲାପାଳ

ଗଞ୍ଜାମ ଜିଲାପାଳଙ୍କ ଛତ୍ରଛାୟା ତଳେ ବେଆଇନ୍ ଭାବେ ନିର୍ମାଣ ଚାଲିଥିବା ଗୋପାଳପୁର ଇକୋ-ରିଟ୍ରେଟ୍ ହବ୍ ବନ୍ଦ ହେବା ଆଶଙ୍କା ସୃଷ୍ଟି ହୋଇଛି। ସମୁଦ୍ର କୂଳରେ ଏହି ନିର୍ମାଣ ପରିବେଶ ସୁରକ୍ଷା ଆଇନ୍-୧୯୮୬ର ଧାରା ୧୯କୁ ଉଲ୍ଲଂଘନ କରୁଛି। ଏଣୁ ତୁରନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ଓଡ଼ିଶା ଉପକୂଳ ପରିଚାଳନା କର୍ତ୍ତୃପକ୍ଷ । ଏପରିକି ପୂର୍ବରୁ ଥରେ ଇକୋ-ରିଟ୍ରେଟ୍ ହବ୍ ନିର୍ମାଣ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଜିଲାପାଳ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ବିଷୟକୁ ନେଇ କର୍ତ୍ତୃପକ୍ଷ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଭବିଷ୍ୟତରେ କୌଣସି ପ୍ରକାରର ବିବାଦକୁ ଏଡ଼ାଇବା ପାଇଁ ତୁରନ୍ତ ନିର୍ମାଣ ବନ୍ଦ କରିବାକୁ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଗଞ୍ଜାମ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ(ବିଡ଼ିଏ) ତରଫରୁ ଗୋପାଳପୁର ବେଳାଭୂମି ଉଦୟପୁର ମୌଜାରେ ୪୫.୪୪ଏକର ଜାଗାରେ ଏହି ଇକୋ-ରିଟ୍ରେଟ୍ ହବ୍ ନିର୍ମାଣ ଚାଲିଛି। ୮କୋଟି ୯୬ ଲକ୍ଷ ଟଙ୍କାରେ ଏଠାରେ ୧୨ଟି ଗେଷ୍ଟ ହାଉସ୍, ୨ଟି ରେଷ୍ଟୁରାଣ୍ଟ, ଫୁଡ୍ କୋର୍ଟ ଏବଂ ଏକ ପ୍ରଶାସନିକ କୋଠା ନିର୍ମାଣ କରାଯାଉଛି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲା ଓଡ଼ିଶା ବେଳାଭୂମି ସୁରକ୍ଷା ପରିଷଦ। ଗତ ଜାନୁୟାରୀରେ ପରିଷଦ ସଭାପତି ଜଗନ୍ନାଥ ବସ୍ତିଆ ଏ ନେଇ ଓଡ଼ିଶା ଉପକୂଳ ପରିଚାଳନା କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ସେ ନିଜ ଅଭିଯୋଗରେ ଦର୍ଶାଇଥିଲେ ଯେ, ସମୁଦ୍ର ଜୁଆର ଏବଂ ଉପକୂଳରେ ଥିବା ଜନବସତି ଅଞ୍ଚଳ ମଧ୍ୟରେ ଏକ ପାଚେରି ଭଳି କାର୍ଯ୍ୟ କରିଥାଏ । ଏହି ବାଲୁକାଭୂମି ଯୋଗୁ ଉପକୂଳ ଅଞ୍ଚଳକୁ ସମୁଦ୍ର ଜୁଆର ମାଡ଼ିପାରେ ନାହିଁ । ପରିବେଶ ସୁରକ୍ଷା ଆଇନ୍-୧୯୮୬ର ଉପକୂଳ ପରିଚାଳନା ଜୋନ୍(ସିଆର୍‌ଜେଡ୍) ବିଜ୍ଞପ୍ତିରେ ବାଲୁକାଭୂମି ସୁରକ୍ଷା ସମ୍ପର୍କରେ ଉଲ୍ଲେଖ ରହିଛି। ସିଆର୍‌ଜେଡ୍ ଅନୁଯାୟୀ, ସମୁଦ୍ରର ୫ଶହ ମିଟର ଦୂରତା ପର୍ଯ୍ୟନ୍ତ ଉପକୂଳରେ କୌଣସି ପ୍ରକାର ନିର୍ମାଣ କାର୍ଯ୍ୟ କରାଯାଇ ପାରିବ ନାହିଁ । କିନ୍ତୁ ଇକୋ-ରିଟ୍ରେଟ୍ ହବ୍ ସମୁଦ୍ରର ଅତି ନିକଟରେ ରହିଛି । ଏହା ସଂପୂର୍ଣ୍ଣ ଭାବେ ବେଆଇନ। ହବ୍ ନିର୍ମାଣ ପାଇଁ ବିଡ଼ିଏ ପକ୍ଷରୁ ଓଡ଼ିଶା ଉପକୂଳ ପରିଚାଳନା କମିଟି, ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ କିମ୍ବା ରାଜ୍ୟସ୍ତରୀୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷଙ୍କ ଅନୁମତି ନିଆଯାଇ ନାହିଁ । ସିଆର୍‌ଜେଡ୍‌କୁ ସମ୍ପୂର୍ଣ୍ଣ ଭାବେ ଉଲ୍ଲଂଘନ କରାଯାଇଛି । ଏଣୁ ବେଳାଭୂମି କଡ଼ରେ ବେଆଇନ୍ ଭାବେ ନିର୍ମାଣ ହେଉଥିବା ଇକୋ-ରିଟ୍ରେଟ୍ ହବ୍ ନିର୍ମାଣ ତୁରନ୍ତ ବନ୍ଦ କରିବାକୁ ଓଡ଼ିଶା ବେଳାଭୂମି ସୁରକ୍ଷା ପରିଷଦ ପକ୍ଷରୁ ସଭାପତି ଜଗନ୍ନାଥ ବସ୍ତିଆ ଓଡ଼ିଶା ଉପକୂଳ ପରିଚାଳନା କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ଓ ଅନୁରୋଧ କରିଥିଲେ ।

ଗତ ଜାନୁୟାରୀରେ ଓଡ଼ିଶା ବେଳାଭୂମି ସୁରକ୍ଷା ପରିଷଦ ପକ୍ଷରୁ ପ୍ରଥମେ ଓଡ଼ିଶା ଉପକୂଳ ପରିଚାଳନା କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରାଯାଇଥିଲା । ଅଭିଯୋଗର ତଦନ୍ତ କରିବା ପାଇଁ ଫେବୃୟାରୀ ୫ତାରିଖରେ କର୍ତ୍ତୃପକ୍ଷଙ୍କ ତରଫରୁ ଗଞ୍ଜାମ ଜିଲାପାଳ ତଥା ବିଡ଼ିଏ ଉପାଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଜିଲାପାଳ ନିର୍ଦ୍ଦେଶକୁ ଗୁରୁତ୍ୱ ନ ଦେଇ ଚୁପ୍ ହୋଇ ବସିଥିଲେ। ଫଳରେ ପରିଷଦ ପକ୍ଷରୁ ମାର୍ଚ୍ଚରେ ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ, ଜଳବାୟୁ ପରିବର୍ତ୍ତନ ବିଭାଗ ନିକଟରେ ଅଭିଯୋଗ କରାଯାଇଥିଲା। ଅଭିଯୋଗର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନେବାକୁ ଓଡ଼ିଶା ଉପକୂଳ ପରିଚାଳନା କର୍ତ୍ତୃପକ୍ଷଙ୍କୁ ବିଭାଗ ତରଫରୁ ମାର୍ଚ୍ଚ ୧୧ତାରିଖରେ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ପରେ ତତ୍ପର ହୋଇପଡ଼ିଛି ଓଡ଼ିଶା ଉପକୂଳ ପରିଚାଳନା କର୍ତ୍ତୃପକ୍ଷ । ଏବେ ଜିଲାପାଳଙ୍କୁ ପୁଣି ଥରେ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଲିଖିତ ଚିଠିରେ ଦର୍ଶାଯାଇଛି, ପୂର୍ବରୁ ଥରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଜିଲାପାଳଙ୍କ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। କାର୍ଯ୍ୟାନୁଷ୍ଠାନ ନେବା କ୍ଷମତା ଜିଲାପାଳଙ୍କ ପାଖରେ ରହିଛି। ଏଣୁ ତୁରନ୍ତ ବେଆଇନ୍ ନିର୍ମାଣ ବନ୍ଦ କରିବା ସହ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳଙ୍କୁ କର୍ତ୍ତୃପକ୍ଷଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।



ଗୋପାଳପୁର ସମୁଦ୍ର ଉପକୂଳରେ ନିର୍ମାଣ ଚାଲିଥିବା ଇକୋ-ରିଟ୍ରେଟ୍ ହବ୍ ।

### ପୋର୍ଟରେ ଗାଡ଼ି ଲଗାଇବାକୁ ନେଇ ବିବାଦ

**ଛତ୍ରପୁର,୩୦।୫(ଡି.ଏନ.ଏ.)**

ଗୋପାଳପୁର ପୋର୍ଟରେ ଟ୍ରକ୍ ଲଗାଇବାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବୁଧବାର ବିବାଦ ଦେଖାଦେଇଥିଲା। ଏ ନେଇ ଗୋଟିଏ ଗୋଷ୍ଠୀ ପକ୍ଷରୁ ଆର୍ଯ୍ୟପଲ୍ଲୀ ମେରାଇନ୍ ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗ ପରେ ବିବାଦର ସମାଧାନ ହୋଇଯାଇ ଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ ଗୋପାଳପୁର ପୋର୍ଟରେ ବିଭିନ୍ନ ମାଲ ପରିବହନ ପାଇଁ ଅନ୍ୟ ଜିଲାର ଗାଡିକୁ ଏଠାରେ ଲିଜ୍ ସୂତ୍ରରେ ଲଗାଯାଇଥିଲା। ଏହାକୁ ବିରୋଧ କରି ଗୋଟିଏ ଗୋଷ୍ଠୀ ପକ୍ଷରୁ ଉକ୍ତ ଗାଡି ଡ୍ରାଇଭରଙ୍କୁ ଅଟକାଇ କାଗଜପତ୍ର ନିଆଯିବା ସହ ତାଙ୍କୁ ଅଟକ ରଖାଯାଇଥିଲା। ପୋଲିସର ହସ୍ତକ୍ଷେପ ପରେ ଗାଡି ଡ୍ରାଇଭରଙ୍କୁ ଛଡାଯିବା ସହ କାଗଜପତ୍ର ଫେରସ୍ତ କରାଯାଇଥିବା ଜଣାପଡିଛି । ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି ।

---

### ରକ୍ତଭଣ୍ଡାରରେ ରକ୍ତ ଅଭାବ ଦୂର ପାଇଁ ପ୍ରୟାସ

# ଖବରଦାତା ଗଢ଼ିଲେ ରକ୍ତ ସମ୍ପର୍କ

ବ୍ରହ୍ମପୁର ଅଫିସ,୩୦।୫

ରେଶମ ସହର ବ୍ରହ୍ମପୁରରେ ଖରା ଦିନକୁ ଦିନ ଟାଣ ହେବାରେ ଲାଗିଛି। ମୁଣ୍ଡଫଟା ଖରା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇଗଲାଣି। ଏହାର ପ୍ରଭାବ ବ୍ରହ୍ମପୁର ବଡ଼ ମେଡ଼ିକାଲ ପରିସରରେ ଥିବା ରକ୍ତଭଣ୍ଡାରରେ ମଧ୍ୟ ଦେଖିବାକୁ ମିଳୁଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ରକ୍ତଦାନ ଶିବିର ଆୟୋଜନ ହେଉନାହିଁ । ଫଳରେ ରକ୍ତଭଣ୍ଡାରରେ ରକ୍ତର ଘୋର ଅଭାବ ଦେଖାଦେଇଛି। ଏହାର ମୁକାବିଲା ପାଇଁ ବ୍ରହ୍ମପୁର ସବୁଜ ବାହିନୀ, ଆଞ୍ଚଳିକ ବିକାଶ ପରିଷଦ ଗୁଣ୍ଡବନ୍ଧ, ମାରୱାଡ଼ି ମହିଳା ସମିତି, ନେଚର୍ସ ଲଭର୍ସ ଓଡ଼ିଶା ଏବଂ ବର୍ଦ୍ଧି ଓଡ଼ିଶା ତରଫରୁ 'ଆସନ୍ତୁ ଗଢ଼ିବା ରକ୍ତ ସଂପର୍କ' ଅଭିଯାନ ଆୟୋଜନ ହେଉଛି। ଏହି ଅଭିଯାନ କ୍ରମରେ ବିଭିନ୍ନ ସଂଗଠନ ଏବଂ ବ୍ୟକ୍ତିବିଶେଷଙ୍କ ତରଫରୁ ରକ୍ତଦାନ କରାଯାଉଛି। ଗୁରୁବାର ସହରରେ କାର୍ଯ୍ୟରତ ଖବରଦାତାମାନେ ଏହି ଅଭିଯାନରେ ସାମିଲ ହୋଇ ରକ୍ତଦାନ କରିଛନ୍ତି । ୧୫ଜଣ ଖବରଦାତା ରକ୍ତଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଡିନ୍ ତଥା ଅଧ୍ୟକ୍ଷ ପ୍ରଫେସର ରାଧାମାଧବ ତ୍ରିପାଠୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ପାଣିଗ୍ରାହୀ, ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଆଶିଷ କୁମାର ବେହେରା, ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ୍‌ର ମୁଖ୍ୟ ସୁଧୀର ରାଉତ, ବ୍ରହ୍ମପୁର ରେଞ୍ଜର୍ ଏ. ରାଜା ରାଓ ସୁବୁଦ୍ଧି, ବରିଷ୍ଠ ଖବରଦାତା ରବି ରଥ, ଶିଶିର କୁମାର ପାଣିଗ୍ରାହୀ, ପ୍ରକାଶ ପାଣିଗ୍ରାହୀ ଓ ଶିବ ଦାସ ପ୍ରମୁଖ ଯୋଗଦେଇଥିଲେ। ଖବରଦାତାଙ୍କ ଏହି ଉଦ୍ୟମକୁ ଅତିଥିମାନେ ପ୍ରଶଂସା କରିଥିଲେ । ରକ୍ତଭଣ୍ଡାରର ବିଭାଗୀୟ ଅଧିକାରୀ ଡା. ଆର୍.କେ. ମିଶ୍ର, ଡା. ସସ୍ମିତା ବେହେରା, ଡା. ରଶ୍ମିତା ପାଣିଗ୍ରାହୀ, ଡା. ଏ.କେ. ମିଶ୍ର, ଡା. ପି.କେ. ରଥ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ବିଶ୍ୱନାଥ ମହାରଣା, ଦିନେଶ ପଟ୍ଟନାୟକ, ସମୀର ରଥ, ଡି.ଗୋପାଳକୃଷ୍ଣ ରେଡ୍ଡୀ, ଫିରୋଜ ପ୍ରଧାନ, ଦୀପକ କୁମାର ପଣ୍ଡା, କୁନା ମିଶ୍ର, ସୀମାଞ୍ଚଳ ସାହୁ, ଆଶୀର୍ବାଦ ରାଉତ, ଦିଗମ୍ବର ମହାରଣା, ପ୍ରହ୍ଲାଦ ସାହୁ, ପ୍ରସନ୍ନ କୁମାର ସାହୁ, ଜଗନ୍ନାଥ ସାହୁ ଓ ସତ୍ୟ ଚେତନ ପରିଡ଼ା ପ୍ରମୁଖ ରକ୍ତଦାନ କରିଥିଲେ। ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ, ସମ୍ପାଦକ ଏମ୍.ଦିଲୀପ କୁମାର, ପରିଷଦ ସଭାପତି ସାଗର କୁମାର ପାତ୍ର, ସମ୍ପାଦକ ବିଜେନ୍ଦ୍ର ମାଝି, ସଞ୍ଜୟ ପାତ୍ର, ବନମାଳୀ ପ୍ରଧାନ, ସନିଆ ଗୌଡ଼, ବି.ସୂର୍ଯ୍ୟନାରାୟଣ ପାତ୍ର, ଦୀପକ ପାତ୍ର, ମହିଳା ସମିତି ସଭାନେତ୍ରୀ ମମତା ଚୌଧୁରୀ, ସମ୍ପାଦିକା ରୁବି ଖେମାନୀ ଓ ନେଚର୍ସ ଲଭର୍ସ ଆବାହକ ଶ୍ରୀନିବାସ ରାଜନାଙ୍କ ସମେତ ଅନ୍ୟ ସ୍ୱେଚ୍ଛାସେବୀମାନେ ଶିବିର ପରିଚାଳନା କରିଥିଲେ। ପ୍ରକାଶଯେ, ଗୁରୁବାରର ଏହି ଶିବିରକୁ ମିଶାଇ ମୋଟ ୧୦ ଶିବିରରେ ୧୬୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି ।



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି ।

### ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦର ଅଭିଯୋଗ ଅତିଥି ପ୍ରଶିକ୍ଷକଙ୍କୁ ମିଳିନି ୮ ମାସର ଦରମା

**ବ୍ରହ୍ମପୁର ଅଫିସ,୩୦।୫:** ରାଜ୍ୟର ଅଗ୍ରଣୀ ଏବଂ ଜାତୀୟସ୍ତରରେ ସୁନାମ ଅର୍ଜନ କରିଥିବା ବ୍ରହ୍ମପୁର ସରକାରୀ ଆଇଟିଆଇ (ଶିଳ୍ପ ତାଲିମ କେନ୍ଦ୍ର)ରେ ଆବଶ୍ୟକ ମୁତାବକ କର୍ମଚାରୀଙ୍କ ଅଭାବ ଲାଗି ରହିଛି । ୮୦ ତାଲିମପ୍ରାପ୍ତଙ୍କୁ ଅତିଥି (ଗେଷ୍ଟ) ପ୍ରଶିକ୍ଷକଙ୍କୁ ସାମୟିକ ଭାବେ ନିଯୁକ୍ତି ଦିଆଯାଇଛି । ସେମାନଙ୍କୁ ୨୦୧୮ ନଭେମ୍ବରରୁ ଦରମା ମିଳି ନ ଥିବା ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଛି । ତୁରନ୍ତ ସେମାନଙ୍କୁ ବକେୟା ଦରମା ଦେବା ପାଇଁ ଦାବି ହୋଇଛି। ନଚେତ୍ ଏହାର ପ୍ରତିବାଦରେ ଆନ୍ଦୋଳନର ସୂତ୍ରପାତ କରାଯିବାର ପରିଷଦ ଚେତାବନୀ ଦେଇଛି । ଉନ୍ନୟନ ପରିଷଦ ବୈଠକ ଗୁରୁବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ଏହାର ଆବାହକ ରବି ରଥ କହିଛନ୍ତି, ବ୍ରହ୍ମପୁର ସମେତ ରାଜ୍ୟରେ ୩୯ ସରକାରୀ ଆଇଟିଆଇ ଅଛି। ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦିଆଯାଉଥିବା ବିଜେଡି ସରକାରଙ୍କ ବ୍ୟାପକ ପ୍ରଚାର ହେଉଛି । ସମସ୍ତ ଶିଳ୍ପ ତାଲିମ କେନ୍ଦ୍ରରେ ସ୍ଥାୟୀ କର୍ମଚାରୀ ଅଭାବରୁ ୮ ଶହ ଅତିଥି ପ୍ରଶିକ୍ଷକଙ୍କ ଦ୍ୱାରା କାମ ଚଳାଯାଉଛି । ତେବେ ସେମାନଙ୍କୁ ନିୟମିତ ଦରମା ମିଳୁ ନ ଥିବା ଉଦ୍‌ବେଗର କାରଣ ହୋଇଛି। ସମସ୍ୟାର ତ୍ୱରିତ ସମାଧାନ କରିବାକୁ ପରିଷଦ ଆବାହକ ଦାବି କରିଛନ୍ତି ।

### ଅପମୃତ୍ୟୁ ମାମଲା ହେଲା ହତ୍ୟା ମାମଲା

ବ୍ରହ୍ମପୁର ଅଫିସ,୩୦।୫

ସଦର ଥାନା ଅନ୍ତର୍ଗତ ଦକ୍ଷିଣପୁର ଗ୍ରାମରେ ବୁଧବାର ଅପରାହ୍ନରେ ଜଣେ ନବବଧୂ ରୁନୀତା ଦାସ (୨୨) ଲୁଗା ଲଗାଇ ଆତ୍ମହତ୍ୟା କରିଥିଲେ। ଗୁରୁବାର ରୁନୀତାଙ୍କ ମା' ନମିତା ଦାସଙ୍କ ଅଭିଯୋଗକ୍ରମେ ପୂର୍ବରୁ ପୋଲିସ ରୁଜୁ କରିଥିବା ଅପମୃତ୍ୟୁ ଏବେ ହତ୍ୟା ମାମଲାରେ ପରିବର୍ତ୍ତନ କରିଛି। ପୋଲିସ ନଂ.୧୩୭/୧୯ରେ ରୁନୀତାଙ୍କ ସ୍ୱାମୀ ସରୋଜ ଦାସ ଓ ତାଙ୍କ ଶ୍ୱଶୁରଙ୍କ ନାଁରେ ଯୌତୁକ ଜନିତ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଥାନାଧିକାରୀ ଭାବନାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି। ରୁନୀତା ୪ ମାସର ଗର୍ଭବତୀ ଥିବା ବେଳେ ତାଙ୍କ ସ୍ୱାମୀ ଓ ଶ୍ୱଶୁର ଅଧିକ ଯୌତୁକ ଦାବି କରି ବିଭିନ୍ନ ସମୟରେ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ଗତ ବୁଧବାର ରୁନୀତାଙ୍କୁ ତାଙ୍କ ସ୍ୱାମୀ ଓ ଶ୍ୱଶୁର ମିଶି ଝିଅର ତଣ୍ଟି ଚିପି ହତ୍ୟା କରି ପରେ ଆତ୍ମହତ୍ୟାର ରୂପ ଦେବା ଆଳରେ ଝିଅକୁ ଫ୍ୟାନରେ ଝୁଲାଇ ଦେଇଥିଲେ ବୋଲି ମା' ନମିତା ଅଭିଯୋଗ କରିଛନ୍ତି। ଗୁରୁବାର ଏମକେସିଜି ମେଡିକାଲରେ ଥିବା ରୁନୀତାଙ୍କ ମୃତଦେହ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପଞ୍ଚନାମା କରାଯାଇଛି । ପୋଲିସ ଏବେ ଏହି ହତ୍ୟା ମାମଲାର ବିଭିନ୍ନ ଦିଗ ଉପରେ ତଦନ୍ତ ଚଳାଇ ଥିବା କହିଛି । ପ୍ରକାଶ ଯେ, ଗତ ୬ ମାସ ତଳେ ଦକ୍ଷିଣପୁରର ସରୋଜ ଦାସ ଚମାଖଣ୍ଡି ଥାନା ଟାଟା କଲୋନୀର ରୁନୀତାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର କିଛି ମାସ ପରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ବିଭିନ୍ନ କାରଣକୁ ନେଇ ମନୋମାଳିନ୍ୟ ଲାଗି ରହିଥିଲା । ଏପରିକି ମଙ୍ଗଳବାର ରୁନୀତା ଓ ତାଙ୍କ ସ୍ୱାମୀ ସରୋଜ ବଜାରକୁ ଶାଢ଼ି କିଣିବାକୁ ଯାଇଥିବା ବେଳେ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା ବୋଲି ପ୍ରାଥମିକ ଅନୁସନ୍ଧାନରୁ ପୋଲିସ ଜାଣିବାକୁ ପାଇଛି। ବୁଧବାର ସରୋଜ କାମ କରିବାକୁ ଚାଲିଯିବା ପରେ ରୁନୀତା ଘରେ ଥିଲେ । ଅପରାହ୍ନରେ ସେ ଲୁଗା ବାନ୍ଧି ଆତ୍ମହତ୍ୟା କରିଥିବା ସରୋଜ ପୋଲିସକୁ କହିଥିଲେ ।



ଖରା ସତ୍ତ୍ୱେ ବ୍ରହ୍ମପୁର ଗେଟ୍‌ବଜାର ଛକରେ ଟ୍ରାଫିକ ନିୟନ୍ତ୍ରଣ କରୁଛନ୍ତି ଜଣେ ଗୃହରକ୍ଷୀ ।(ଫଟୋ:ସମୀର)

---

### ■ ସକ୍ରିୟ ହେଉଛି ମାନବ ଚାଲାଣ ର୍ୟାକେଟ

# ଗୋଇନ୍ଦା, ପୋଲିସ ମଧ୍ୟରେ ସମନ୍ୱୟ ଅଭାବ

ବ୍ରହ୍ମପୁର ଅଫିସ,୩୦।୫

■୩ ଜିଲାରେ ୩୦୦ ପିଲାଙ୍କ ଖୋଜ୍‌ଖବର ମିଳୁନି

■ଫେଲ୍ ମାରିଛି ପରି ଯୋଜନା

ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲାରେ ମାନବ ଚାଲାଣ ର୍ୟାକେଟ ଏବେ ସକ୍ରିୟ ରହିଛନ୍ତି। ଏହାକୁ ରୋକିବା ପାଇଁ ଉଦ୍ୟମ କରାଯାଉଛି। କିନ୍ତୁ ଏଥିନିମନ୍ତେ ଠିକ୍ ପଦକ୍ଷେପ ନିଆଯାଇପାରୁ ନ ଥିବା ବିଭିନ୍ନ ମହଲରେ ଅଭିଯୋଗ ହେଉଛି । ଫଳରେ ନାବାଳିକା ଉଭାନ ହେବା, ଯୁବତୀଙ୍କୁ ଅର୍ଥଲୋଭ ଦେଖାଇ ବିବାହ କରିବା ଆଳରେ ଅନ୍ୟ ରାଜ୍ୟରେ ବିକ୍ରି କରିବା, ବିଭିନ୍ନ କମ୍ପାନୀରେ କାମ ଯୋଗାଇ ଦେବା ନାଁରେ ଯୁବତୀମାନଙ୍କୁ ଦେଶାନ୍ତର କରିବା, ନାବାଳିକା ଓ ନାବାଳକଙ୍କୁ ବାଳ ଶ୍ରମିକ ଭାବେ କାର୍ଯ୍ୟରେ ଲଗାଇବା ପାଇଁ ଚାଲାଣ କରାଯାଉଥିବା ଘଟଣା ଉପରେ ଅଙ୍କୁଶ ଲଗାଯାଇ ପାରୁନାହିଁ। ମାନବ ଚାଲାଣ ପ୍ରକ୍ରିୟା ଉପରେ ନଜର ରଖୁଥିବା ସଂସ୍ଥା ପକ୍ଷରୁ ଜଣାଯାଏ ଉପରୋକ୍ତ ଜିଲାଗୁଡିକରେ ଏହି କ୍ଷେତ୍ରରେ ସର୍ବନିମ୍ନ ମାପଦଣ୍ଡ ଠିକ୍ ଭାବେ କାମ କରୁନାହିଁ । ଅନେକ ସମୟରେ ଅଦାଲତ ଓ ମାନବାଧିକାର ଆୟୋଗ ସରକାରଙ୍କୁ ଅଙ୍କୁଶ ଲଗାଇବା ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଅଦାଲତଙ୍କ ନିର୍ଦ୍ଦେଶକୁ ସରକାର ଅଣଦେଖା କରୁଛନ୍ତି। ପୋଲିସର ସକ୍ରିୟତା ମଧ ଦେଖିବାକୁ ମିଳେନାହିଁ। ଚାଲାଣର ଶିକାର ଅଧିକାଂଶ ଗରିବ ଶ୍ରେଣୀର ପିଲାମାନେ ହୋଇଥିବା ଦେଖାଦେଇଥାଏ। ଗରିବ ପରିବାର ପିଲାଙ୍କୁ ପ୍ରଲୋଭନ ଦେଖାଇ କାରଖାନା, ଅଫିସ, ଦୋକାନଗୁଡିକରେ ନିଯୁକ୍ତି ଦେବା ଆଳରେ ଅପହରଣ କରିଥାନ୍ତି। ସରକାରଙ୍କ ପରି ଯୋଜନା ମଧ ଫେଲ ମାରିଛି । ସେହିପରି ବହୁ ନାବାଳିକା ଓ ଯୁବତୀମାନଙ୍କୁ ଲୁଚାଛପାରେ ଦେଶ ବାହାରକୁ ନେଇ ସେଠାରେ ବିକ୍ରି କରାଯାଉଛି । ଯେଉଁଠି କି ଗୋଟି ଶ୍ରମିକଙ୍କ ଭଳି ସେଠାରେ କାମ କରିବାକୁ ପଡ଼ିଥାଏ । ଏପରିକି ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଭିକ୍ଷା ବୃତ୍ତି ଆପଣେଇବାକୁ ପଡ଼ିଥାଏ। ସେଠାରେ ଝିଅମାନଙ୍କୁ ଶାରୀରିକ ନିର୍ଯାତନା ଦିଆଯାଇଥାଏ । ଏପରିକି ଅନେକ ଯୁବତୀଙ୍କୁ ଯୌନ କାରବାର ପାଇଁ ବାଧ କରାଯାଉଥିବା ନଜିର ରହିଛି। ମାନବ ଚାଲାଣ ଉପରେ ଅଙ୍କୁଶ ଲଗାଇବା ପାଇଁ କେନ୍ଦ୍ର ଓ ରାଜ୍ୟର ଗୋଇନ୍ଦା ସଂସ୍ଥା, ପୋଲିସ ଓ ସୀମା ସୁରକ୍ଷା ବଳ ମଧ୍ୟରେ ଉତ୍ତମ ସମନ୍ୱୟ ରହିବା ଆବଶ୍ୟକ । କିନ୍ତୁ ବାସ୍ତବ କ୍ଷେତ୍ରରେ ଗୋଇନ୍ଦା, ପୋଲିସ ମଧ୍ୟରେ ସମନ୍ୱୟର ଅଭାବ ଦେଖାଦେଉଛି। ତେଣୁ ସରକାର ଏ ଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ସହ ମାନବ ଚାଲାଣ ରୋକିବା ଦିଗରେ ଅଙ୍କୁଶ ଲଗାନ୍ତୁ ବୋଲି ବିଭିନ୍ନ ମହଲରେ ଦାବି ହେଉଛି ।

#### ଏମାନଙ୍କ ମତରେ...



■ ଜିଲା ପୋଲିସ ପକ୍ଷରୁ ଏକ ଇଣ୍ଟିଗ୍ରେଟେଡ୍ ଆଣ୍ଟି ହ୍ୟୁମାନ୍ ଟ୍ରାଫିକିଙ୍ଗ୍ ୟୁନିଟ (ଆଇଏଏଚଟିୟୁ) ଖୋଲାଯାଇଛି। ବେଆଇନ ମାନବ ଚାଲାଣ ସମ୍ବନ୍ଧୀୟ ତଥ୍ୟ ଯେ କୌଣସି ଲୋକ ପାଇଲେ ସିଧାସଳଖ କଣ୍ଟ୍ରୋଲ ରୁମ ସହ ଯୋଗାଯୋଗ କଲେ ପୋଲିସ ସେମାନଙ୍କୁ ଉଦ୍ଧାର କରିବ । କିନ୍ତୁ ତୃଣମୂଳ ସ୍ତରରେ ସଚେତନତାର ଅଭାବ ଏଭଳି ଅସୁବିଧା ସୃଷ୍ଟି କରିଛି । ଜିଲା ପ୍ରଶାସନ, ବ୍ଲକ, ପଞ୍ଚାୟତ ପ୍ରତିନିଧି ସ୍ଥାନୀୟ ଅଞ୍ଚଳରୁ ଦାଦନ ଖଟିବାକୁ ଯାଉଥିବା ଶ୍ରମିକଙ୍କ ରେଜିଷ୍ଟ୍ରେଶନ କରନ୍ତୁ ।

**- ବିଷ୍ଣୁ ପ୍ରସାଦ ପତି, ଏସ୍‌ଡିପିଓ, ବ୍ରହ୍ମପୁର**



■ ଯେତେଦିନ ପର୍ଯ୍ୟନ୍ତ ଗ୍ରାମାଞ୍ଚଳରେ ରୋଜଗାର ପନ୍ଥା ସୁଦୃଢ଼ କରାଯାଇନାହିଁ ମାନବ ଚାଲାଣକାରୀଙ୍କୁ ରୋକିବା ସମ୍ଭବ ନୁହେଁ । ସୋରଡ଼ା, ଗଜପତିର ମୋହନା ଓ କନ୍ଧମାଳର ଦାରିଙ୍ଗବାଡ଼ି ଅଞ୍ଚଳରେ ମାନବ ଚାଲାଣ ର୍ୟାକେଟ ସକ୍ରିୟ ହୋଇଛନ୍ତି। ଗଜପତି ଜିଲାର ସୁନାଖଣି ଅଞ୍ଚଳରୁ ୨୦୦ରୁ ଊର୍ଦ୍ଧ୍ୱ ନାବାଳିକା/ନାବାଳକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଛନ୍ତି । ସେମାନଙ୍କ ମଧ୍ୟରୁ ୩୦ ଜଣ ଏବେ ସୁଦ୍ଧା ନିଖୋଜ ଅଛନ୍ତି । ଉପରୋକ୍ତ ତିନୋଟି ଜିଲାରୁ ଚାଲାଣ ହେଉଥିବା ନାବାଳିକା/ନାବାଳକଙ୍କ ମଧ୍ୟରୁ ୩୦୦ ପିଲାଙ୍କ ଖୋଜ୍ ଖବର ଏବେସୁଦ୍ଧା ମିଳିନାହିଁ । ଯଦି ସରକାରୀ କର୍ମଚାରୀ କିମ୍ବା ବେସରକାରୀ ସଂସ୍ଥା ଦ୍ୱାରା ମାନବ ଚାଲାଣର ସର୍ଭେ କରାଯିବ ତେବେ ପ୍ରକୃତ ତଥ୍ୟ ଉନ୍ମୋଚନ ହୋଇପାରିବ ବୋଲି ସେ କହିଛନ୍ତି ।

**- ସୁଧୀର ସାବତ, ଆଇଏସଆରଡି ନିର୍ଦ୍ଦେଶକ**



■ ମାନବ ଚାଲାଣ ଏକ ଅପରାଧ। ଦକ୍ଷିଣ ଓଡ଼ିଶାର ଗ୍ରାମାଞ୍ଚଳ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ନାବାଳିକା/ନାବାଳକଙ୍କ ଦୁଃଖ କମୁନି। ଏହିସବୁ ଅଞ୍ଚଳରୁ ହଜାର ହଜାର ପିଲାଙ୍କୁ ମାନବ ଚାଲାଣ ର୍ୟାକେଟ ଜରିଆରେ ବାହାର ରାଜ୍ୟକୁ ଚାଲାଣ ହେଉଛି।

**- ଅବନୀ ଗୟା, ମାନବାଧିକାର ସୁରକ୍ଷା ମଞ୍ଚ ଆବାହକ**

### ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧ ଲକ୍ଷ ଟଙ୍କା ପ୍ରଦାନ



ସତ୍ୟନାରାୟଣ ସାବତ ଜିଲାପାଳଙ୍କୁ ଡ୍ରାଫ୍ଟ ପ୍ରଦାନ କରୁଛନ୍ତି ।

ବ୍ରହ୍ମପୁର ଅଫିସ୍,୩୦।୫

ଫନୀ ବିପନ୍ନଙ୍କୁ ସହାୟତା ଲାଗି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ବ୍ରହ୍ମପୁର ଲାଞ୍ଜିପଲ୍ଲୀର ସାମାଜିକ କର୍ମୀ ସତ୍ୟନାରାୟଣ ସାବତ ୧ ଲକ୍ଷ ଟଙ୍କାର ଡ୍ରାଫ୍ଟ ପ୍ରଦାନ କରିଛନ୍ତି । ସେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ଡ୍ରାଫ୍ଟ ପ୍ରଦାନ କରିଛନ୍ତି। ଫନୀ ବିପନ୍ନଙ୍କ ପାଇଁ ଗଞ୍ଜାମ ଜିଲାରୁ ସହାୟତା ରାଶି ପ୍ରଦାନ ବଢ଼ିବାରେ ଲାଗିଛି। ଏହି କ୍ରମରେ ସତ୍ୟନାରାୟଣ ମଧ୍ୟ ସହାୟତା ପ୍ରଦାନ କରିବାକୁ ଆଗେଇ ଆସିଛନ୍ତି ।

# ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

**No. RDM-LAA-MBJ-0025-2018/ 39606 R&DM, Dated 25.10.2018**

**No. XXI-01:-** ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଚାଷିପଡ଼ା ଡିଷ୍ଟ୍ରିବ୍ୟୁଟାରୀ ଏବଂ ସିଷ୍ଟମ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା– ଅମର୍ଦା, ଥାନା– ମୋରଡ଼ା ନଂ.–୨୩୮, ତହସିଲ– ରାସଗୋବିନ୍ଦପୁର, ଜିଲ୍ଲା–ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ୩୦.୦୪ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLA R&R Act, 2013)ର ୧୧(୧) ଧାରାର ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ– ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଚାଷିପଡ଼ା ଡିଷ୍ଟ୍ରିବ୍ୟୁଟାରୀ ଏବଂ ସିଷ୍ଟମ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ– ନିର୍ବାହୀ ଯନ୍ତ୍ରୀ, ଜମ୍ବିରା କେନାଲ ଡିଭିଜନ, ମୋରଡ଼ା, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ– ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ– ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ– ଉପଜିଲ୍ଲାପାଳ, ବାରିପଦା।
୬. ଜମିର ବିବରଣୀ–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ରାସଗୋବିନ୍ଦପୁର | ଅମର୍ଦା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୧୩୧.୯୫ | ଏ.୩୦.୦୪ | ଏଥି ସହିତ ସଂଲଗ୍ନ |

- **ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୬.୧୮ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।**

ଉକ୍ତ ଭୂମିର ଏକ ନକ୍ସା ଭୂ–ଅର୍ଜନ ମହାମଣ୍ଡଳ ଅଧିକାରୀ, ଦେଉଳି, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./– (ଅଭୟ କୁମାର ନାୟକ) ଯୁଗ୍ମ ଶାସନ ସଚିବ**

## ଭୂମି ଅନୁସୂଚୀ

**ଭୂଅର୍ଜନ ମାମଲା ସଂଖ୍ୟା– ୫୩/୨୦୧୭**
**ଏ.୩୦.୦୪ଡି.**
**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଚାଷିପଦା ଡିଷ୍ଟ୍ରିବ୍ୟୁଟାରୀ ଏବଂ ସିଷ୍ଟମ ନିମନ୍ତେ**
**ମୌଜା– ଅମର୍ଦା, ଥାନା– ମୋରଡ଼ା, ନଂ.–୨୩୮, ତହସିଲ– ରାସଗୋବିନ୍ଦପୁର, ଜିଲ୍ଲା– ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ୍ ନଂ. | ମୋଟ ରକବା | ଆକ୍ୱାୟାର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୪ | ୧୫୧୬ | ୦.୪୪ | ୦.୦୭ | ଶାରଦ ଦୁଇ | ଅନନ୍ତ କୁମାର ସାହୁ, ବାଞ୍ଛାନିଧି ସାହୁ, କୃଷ୍ଣ ଚନ୍ଦ୍ର ସାହୁ, ରବି ନାରାୟଣ ସାହୁ, ସତ୍ୟନାରାୟଣ ସାହୁ, ପି: ରାମହରି ସାହୁ, ଜା: ଗୁଡ଼ିଆ, ବା: ନିଜଗାଁ |
| ୧୦ | ୪୦ | ୩.୪୨ | ୦.୫୨ | ଶାରଦ ଦୁଇ | ଅନିରୁଦ୍ଧ ମହାନ୍ତି, ପି: ରୁଦ୍ର ମହାନ୍ତି, ଜା: ଏକାଦଶତେଲି, ବା: ଦଳେଇଡିହ |
| | ୧୨୨ | ୦.୨୩ | ୦.୦୨ | ଶାରଦ ଦୁଇ | |
| ୨୧ | ୨୭୯୫ | ୦.୧୨ | ୦.୦୮ | ଶାରଦ ଏକ | ଅରବିନ୍ଦ ପତି, ସରୋଜିନୀ ପତି, ପି: ଖଗେଶ୍ୱର ପତି, ଦୁର୍ଗାମଣୀ ପତି, ସ୍ୱା: ଖଗେଶ୍ୱର ପତି, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୨୪ | ୨୨୯୮ | ୧.୩୬ | ୦.୨୩ | ଶାରଦ ଏକ | ଆଦିକନ୍ଦ ଷଡ଼ଙ୍ଗୀ, ପି: ହରିହର ଷଡ଼ଙ୍ଗୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୨୮୦୪ | ୦.୪୨ | ୦.୦୪ | ଶାରଦ ଏକ | |
| ୩୮ | ୫୮୬ | ୦.୫୬ | ୦.୧୪ | ଆଶୁ | ଉପେନ୍ଦ୍ର ରାଉତ, ପୁନ ରାଉତ, ଶ୍ରୀକାନ୍ତ ରାଉତ, ଗୋପୀନାଥ ରାଉତ, ପି: ରାମେଶ୍ୱର ରାଉତ, ଜା: ବଗାଲ, ବା: ନିଜଗାଁ |
| ୪୮ | ୧୧୨ | ୦.୬୦ | ୦.୦୨ | ଶାରଦ ଦୁଇ | କନ୍ଦା ମାଝୀ, ହପ୍ନା ମାଝୀ, କାଳିଆ ମାଝୀ, ପି: ବାଙ୍ଗରା ମାଝୀ, ଲୁସ୍କୁ ମାଝୀ, ଚାନ୍ଦୁ ମାଝୀ, ପି: ଥପ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୫୧ | ୧୫୧୯ | ୧.୩୦ | ୦.୧୮ | ଶାରଦ ଦୁଇ | କମଳ ଲୋଚନ ପାତ୍ର, ପି: ଗୋପୀନାଥ ପାତ୍ର, ଜା: କୁବେର, ବା: ନିଜଗାଁ |
| ୫୪ | ୫୯୦ | ୦.୨୧ | ୦.୦୭ | ଆଶୁ | କାର୍ତ୍ତିକ ରାଉତ, ସନ୍ୟାସୀ ରାଉତ, ପି: ଦରି ରାଉତ, ଜା: ବଗାଲ, ବା: ନିଜଗାଁ |
| ୬୭ | ୪୪ | ୦.୪୨ | ୦.୩୮ | ଶାରଦ ତିନି | କୁନୁ ମାଝୀ, କାଳିଆ ମାଝୀ, ଦାନୁ ମାଝୀ, ପି: ବାଦର ମାଝୀ, ମାନକ ମାଝୀ, ସ୍ୱା: ବାଦର ମାଝୀ, ଛୋଟା ମାଝୀ, ପି: ହରିଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୧୨୬ | ୦.୬୪ | ୦.୨୦ | ଶାରଦ ତିନି | |
| | ୧୧୬ | ୦.୨୨ | ୦.୦୫ | ଶାରଦ ତିନି | |
| | ୧୦୯ | ୦.୫୩ | ୦.୨୭ | ଶାରଦ ଦୁଇ | |
| | ୧୧୧ | ୦.୨୦ | ୦.୦୬ | ଶାରଦ ଦୁଇ | |
| | ୧୧୮ | ୦.୨୦ | ୦.୦୫ | ଶାରଦ ଦୁଇ | |
| ୭୬ | ୬୧୨ | ୪.୭୫ | ୦.୫୧ | ଶାରଦ ଦୁଇ | କେଶବ ନାଏକ, ପି: ଶ୍ରୀପତି ନାଏକ, ଜା: ଜ୍ୟୋତିଷ, ବା: ନିଜଗାଁ |
| ୭୯ | ୧୦୮ | ୦.୪୮ | ୦.୧୦ | ଶାରଦ ଦୁଇ | ଖାନ୍ଦି ମାଝୀ, ପି: ଗେଡ଼ା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୯୫ | ୫୮୯ | ୦.୧୩ | ୦.୦୨ | ଆଶୁ | ଗହ୍ଲା ରାଉତ, ପି: ଭରତ ରାଉତ, ଜା: ବଗାଲ, ବା: ନିଜଗାଁ |
| ୯୬ | ୬୦୬ | ୦.୧୦ | ୦.୦୧ | ଶାରଦ ଦୁଇ | ଗିରିଧାରି ଦତ୍ତ, ପି: ସୃଷ୍ଟିଧର ଦତ୍ତ, ଜା: ରାହୁ, ବା: ନିଜଗାଁ |
| ୧୦୦ | ୯୮ | ୦.୩୩ | ୦.୧୮ | ଶାରଦ ତିନି | ଗୁଣାଧର ପାତ୍ର, ସଦାନନ୍ଦ ପାତ୍ର, ଜୟାନନ୍ଦ ପାତ୍ର, ପି: ଜଗନ୍ନାଥ ପାତ୍ର, ଜା: ପାଣ, ବା: ନିଜଗାଁ |
| | ୯୮/୩୧୦୫ | ୦.୩୨ | ୦.୨୦ | ଶାରଦ ତିନି | |
| ୧୦୧ | ୫୯୩ | ୦.୨୫ | ୦.୦୪ | ଆଶୁ | ଗୁରା ରାଉତ, ପି: ଭରତ ରାଉତ, ଜା: ବଗାଲ, ବା: ନିଜଗାଁ |
| | ୫୯୪ | ୦.୨୯ | ୦.୦୧ | ଆଶୁ | |
| | ୫୯୯/୩୦୧୯ | ୦.୩୫ | ୦.୦୨ | ଡାହି ଦୁଇ | |
| ୧୦୭ | ୨୭୮୮ | ୧.୧୮ | ୦.୩୨ | ଶାରଦ ଏକ | ଗୋପାଳ ଚନ୍ଦ୍ର ସାହୁ, ବଂଶୀଧର ସାହୁ, ପି: ପରମାନନ୍ଦ ସାହୁ, ଜା: ଗୁଡ଼ିଆ, ବା: ତମ୍ୟାଖୁରୀ |
| | ୨୭୯୭ | ୦.୬୮ | ୦.୦୮ | ଶାରଦ ଏକ | |
| | ୨୮୭୬ | ୦.୫୫ | ୦.୧୬ | ଶାରଦ ଏକ | |
| | ୨୮୮୭ | ୦.୩୨ | ୦.୧୭ | ଶାରଦ ଏକ | |
| ୧୧୧ | ୨୫୩୪ | ୧.୧୧ | ୦.୪୭ | ଶାରଦ ଏକ | ଗୋବିନ୍ଦ ଜେନା, ପି: ଦଇତାରୀ ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ |
| | ୨୭୯୪ | ୦.୬୩ | ୦.୦୭ | ଶାରଦ ଏକ | |
| ୧୨୫ | ୬୬୪ | ୦.୮୦ | ୦.୧୯ | ଶାରଦ ଏକ | ରସାନନ୍ଦ ନନ୍ଦୀ, ପି: ଦିବାକର ନନ୍ଦୀ, ଜା: ଏକାଦଶତେଲି, ବା: ନୂଆଗାଁ, ଥା: ରାଇବଣିଆଁ, ଜି: ବାଲେଶ୍ୱର |
| ୧୩୦ | ୮୯୭ | ୦.୨୨ | ୦.୦୧ | ଶାରଦ ଦୁଇ | ଚକ୍ରଧର ବେହେରା, ପି: ହଗୁରି ବେହେରା, ଜା: ନିଆରି, ବା: ନିଜଗାଁ |
| | ୨୪୦୯ | ୦.୩୩ | ୦.୦୧ | ଶାରଦ ଏକ | |
| ୧୪୩ | ୨୨୮୭ | ୦.୦୭ | ୦.୦୭ | ଶାରଦ ଏକ | ମୁରଲୀ ମୋହନ ମହାନ୍ତି, ମଦନ ମୋହନ ମହାନ୍ତି, ମନୋରଞ୍ଜନ ମହାନ୍ତି, ମନୋଜ କୁମାର ମହାନ୍ତି, ରାଜଲକ୍ଷ୍ମୀ ମହାନ୍ତି, ପି: ଜୟନାରାୟଣ ମହାନ୍ତି, ଜା: କରଣ, ବା: ନିଜଗାଁ |
| ୧୬୮ | ୫୯୮ | ୦.୦୨ | ୦.୦୨ | ଆଶୁ | ଟିମା ରାଉତ, ପି: କୁନା ରାଉତ, ଜା: ବଗାଲ, ବା: ନିଜଗାଁ |
| ୧୯୦ | ୯୬ | ୦.୧୦ | ୦.୦୫ | ଆଶୁ | ଦୁଆରି ପାତ୍ର, ପି: ତତା ପାତ୍ର, ଜା: ପାଣ, ବା: ନିଜଗାଁ |
| | ୯୭ | ୦.୩୮ | ୦.୧୯ | ଶାରଦ ତିନି | |
| ୨୦୪ | ୧୮୮୧ | ୦.୭୭ | ୦.୦୩ | ଶାରଦ ତିନି | ଦେବେନ୍ଦ୍ର ପାତ୍ର, ରବୀନ୍ଦ୍ର ପାତ୍ର, ବୀରେନ୍ଦ୍ର ପାତ୍ର, ପି: ପଦନ ପାତ୍ର, ନିଆସୀ ପାତ୍ର, ସ୍ୱା: ପଦନ ପାତ୍ର, ଜା: ଖଣ୍ଡାୟତ, ବା: ନିଜଗାଁ |
| ୨୦୭ | ୧୯୨୦ | ୦.୦୪ | ୦.୦୪ | ଶାରଦ ଦୁଇ | ଦୈତାରୀ ବାରିକ, ଦିବାକର ବାରିକ, ପ୍ରଭାକର ବାରିକ, ପି: ବଡ଼ ଭୋଳା ବାରିକ, ସୁଧାଂଶୁ ବାରିକ, ପି: ଭାସ୍କର ବାରିକ, ତୁଳସି ବାରିକ, ସ୍ୱା: ଭାସ୍କର ବାରିକ, ଜା: ବାରିକ, ବା: ନିଜଗାଁ |
| | ୧୯୨୧ | ୦.୭୫ | ୦.୩୨ | ଶାରଦ ଦୁଇ | |
| | ୧୯୨୨ | ୦.୦୨ | ୦.୦୨ | ଶାରଦ ଦୁଇ | |
| ୨୧୫ | ୨୩୬୬ | ୧.୯୯ | ୦.୦୩ | ଶାରଦ ଏକ | ପ୍ରଫୁଲ୍ଲ କୁମାର ବ୍ରହ୍ମା, ପି: ନବକିଶୋର ବ୍ରହ୍ମା, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୨୧୯ | ୧୦ | ୦.୫୬ | ୦.୩୦ | ଘରବାରି | ନରେନ୍ଦ୍ର ନାଥ ଜେନା, ପି: ହରପ୍ରସାଦ ଜେନା, ଜା: ଏକାଦଶତେଲି, ବା: ନିଜଗାଁ |
| | ୧୫ | ୧.୧୮ | ୦.୨୨ | ଶାରଦ ତିନି | |
| | ୯୯ | ୦.୧୫ | ୦.୦୧ | ଶାରଦ ତିନି | |
| ୨୨୮ | ୬୭୫ | ୦.୩୪ | ୦.୦୨ | ଶାରଦ ଏକ | ନିଆସି ସାହୁ, ପି: ବଡ଼ ଶିବ ସାହୁ, ଜା: ଏକାଦଶତେଲି, ବା: ସୁନ୍ଦରକୁଲି, ଥାନା: ବସ୍ତା, ଜିଲ୍ଲା: ବାଲେଶ୍ୱର |
| | ୬୭୭ | ୦.୯୨ | ୦.୨୮ | ଶାରଦ ଏକ | |
| ୨୩୨ | ୨୨୮୩ | ୦.୧୫ | ୦.୧୧ | ଶାରଦ ଏକ | ନିତ୍ୟାନନ୍ଦ ଷଡ଼ଙ୍ଗୀ, ପି: ହରିହର ଷଡ଼ଙ୍ଗୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୨୨୮୫ | ୦.୦୫ | ୦.୦୧ | ଶାରଦ ଏକ | |
| | ୨୨୮୮ | ୧.୩୬ | ୦.୨୮ | ଶାରଦ ଏକ | |
| | ୨୩୯୨ | ୦.୦୬ | ୦.୦୧ | ଶାରଦ ଏକ | |
| | ୨୩୯୩ | ୦.୧୦ | ୦.୦୬ | ଶାରଦ ଏକ | |
| ୨୪୧ | ୫୯୯/୩୦୧୬ | ୦.୬୫ | ୦.୦୩ | ଡାହି ଦୁଇ | ନୁନିଆ ରାଉତ, ପରମାନନ୍ଦ ରାଉତ, ପି: କୁନା ରାଉତ, ଜା: ବଗାଲ, ବା: ନିଜଗାଁ |
| ୨୫୪ | ୧୮୭୫ | ୦.୪୦ | ୦.୦୭ | ଶାରଦ ଏକ | ପଦ୍ମାବତୀ ବେହେରା, ସ୍ୱା: ରାମ ବେହେରା, କ୍ଷେତ୍ରୀ ବେହେରା, ସ୍ୱା: ଦିବାକର ବେହେରା, ସ୍ନେହଲତା ବେହେରା, ବାସନ୍ତୀ ବେହେରା, ଜୟନ୍ତୀ ବେହେରା, ପି: ଦିବାକର ବେହେରା, ଜା: କମାର, ବା: ନିଜଗାଁ |
| | ୧୮୯୩ | ୦.୧୦ | ୦.୦୧ | ଶାରଦ ଦୁଇ | |
| | ୧୯୦୧ | ୦.୪୩ | ୦.୧୬ | ଶାରଦ ଦୁଇ | |
| | ୧୯୦୩ | ୦.୨୨ | ୦.୦୪ | ଶାରଦ ଦୁଇ | |
| | ୧୯୦୨ | ୦.୧୨ | ୦.୦୫ | ପତିତ | |
| ୨୭୭ | ୮୪୬ | ୩.୩୪ | ୦.୩୦ | ଶାରଦ ଦୁଇ | ପ୍ରଭାସ ଚନ୍ଦ୍ର ଷଡ଼ଙ୍ଗୀ, ଶ୍ରୀନିବାସ ଷଡ଼ଙ୍ଗୀ, ବିନେଶ ଚନ୍ଦ୍ର ଷଡ଼ଙ୍ଗୀ, ପି: ରଘୁନାଥ ଷଡ଼ଙ୍ଗୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୨୭୯ | ୯୫୮ | ୧.୬୭ | ୦.୧୫ | ଶାରଦ ଦୁଇ | ପ୍ରମଥ ବିହାରୀ ମିଶ୍ର, ପି: ଶ୍ରୀନିବାସ ମିଶ୍ର, ଜା: ବ୍ରାହ୍ମଣ, ବାଁ ନିଜଗାଁ |
| | ୯୬୧ | ୦.୯୯ | ୦.୦୩ | ଶାରଦ ତିନି | |
| | ୯୬୪ | ୭.୧୨ | ୦.୧୭ | ଶାରଦ ଏକ | |
| | ୯୮୨ | ୯.୦୫ | ୦.୭୫ | ବଗାୟତ ଦୁଇ | |
| ୨୯୬ | ୧୬୦୫ | ୦.୦୪ | ୦.୦୨ | ଶାରଦ ଦୁଇ | ପୂର୍ଣ୍ଣାନନ୍ଦ ମିଶ୍ର, ନଳିନ କାନ୍ତ ମିଶ୍ର, ପି: କୃତ୍ତିବାସ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୨୯୮ | ୯୨୫ | ୦.୩୮ | ୦.୦୫ | ଶାରଦ ଦୁଇ | ପୁରନ୍ଦର ଜେନା, ପି: ସହଦେବ ଜେନା, ଜା: ରାହୁ, ବା: ପୂର୍ଣ୍ଣଚନ୍ଦ୍ରପୁର |
| | ୯୨୦/୩୦୨୬ | ୦.୩୪ | ୦.୧୬ | ଶାରଦ ଦୁଇ | |
| ୨୯୯ | ୯୨୦ | ୦.୬୬ | ୦.୨୧ | ଶାରଦ ଦୁଇ | ପୁରନ୍ଦର ଜେନା, ରାମଚନ୍ଦ୍ର ଜେନା, ପି: ସହଦେବ ଜେନା, ଜା: ରାହୁ, ବା: ପୂର୍ଣ୍ଣଚନ୍ଦ୍ରପୁର |
| ୩୦୨ | ୫୮୮ | ୦.୦୪ | ୦.୦୧ | ଆଶୁ | ଫାଗୁ ମାଝୀ, ପୁଟୁ ମାଝୀ, ପି: ବଡ଼ ଦାସ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ, ପଳାତକ ପକ୍ଷେ ଜବରଦଖଲ, ବା: ମଙ୍ଗଳ ମାଝୀ, ପି: ସୁରାଇ ମାଝୀ, ଦାସ ମାଝୀ, ହପନା ମାଝୀ, ଲକ୍ଷଣ ମାଝୀ, ପି: ଜଗା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୩୦୫ | ୧୮୭୯ | ୦.୩୩ | ୦.୧୯ | ଶାରଦ ଦୁଇ | ବନମାଳୀ ଜେନା, ପି: ଦାମ ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ |
| ୩୦୬ | ୧୮୮୫ | ୦.୮୮ | ୦.୨୮ | ଶାରଦ ଦୁଇ | ବନମାଳି ବେହେରା, କହ୍ନେଇ ବେହେରା, ଗୋପାଳ ବେହେରା, ମଧୁସୂଦନ ବେହେରା, ପି: କାର୍ତ୍ତିକ ବେହେରା, ଜା: ରାହୁ, ବା: ବଧିମୁହଁ |
| ୩୧୭ | ୨୮୦୩ | ୦.୪୫ | ୦.୦୫ | ଶାରଦ ଏକ | ବ୍ରଜ କିଶୋର ଦାସ ମହାପାତ୍ର, ପ୍ରଶାନ୍ତ କୁମାର ଦାସ ମହାପାତ୍ର, ପି: ନିଶିକାନ୍ତ ଦାସ ମହାପାତ୍ର, ତାରାକାନ୍ତ ଦାସ ମହାପାତ୍ର, ପି: ଗଦାଧର ଦାସ ମହାପାତ୍ର, ଜା: କରଣ, ବା: ବାରିପଦା ୱାର୍ଡ ନଂ ୧୩ |
| | ୨୫୬୧ | ୦.୬୫ | ୦.୧୦ | ଶାରଦ ଏକ | |
| ୩୩୦ | ୭୯ | ୦.୮୬ | ୦.୪୨ | ପତିତ | ବାଲକା ମାଝୀ, ପି: ଝଙ୍ଗଲ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୮୧ | ୦.୧୦ | ୦.୦୭ | ପତିତ | |
| ୩୩୪ | ୪୩ | ୨.୨୬ | ୦.୦୯ | ଶାରଦ ଦୁଇ | ବାସନ୍ତୀ ପାତ୍ର, କମଳା ପାତ୍ର, ପି: ପୂର୍ଣ୍ଣଚନ୍ଦ୍ର ପାତ୍ର, ଚଞ୍ଚଳା ପାତ୍ର, ସ୍ୱା: ପୂର୍ଣ୍ଣଚନ୍ଦ୍ର ପାତ୍ର, ପରମାନନ୍ଦ ପାତ୍ର, ପି: ସଦୁ ପାତ୍ର, ମନମୋହନ ପାତ୍ର, ପି: କ୍ଷେତ୍ର ପାତ୍ର, ଉଷା ପାତ୍ର, ସ୍ୱା: ହେମ ପାତ୍ର, ଜା: ଏକାଦଶତେଲି, ବା: ଦଳେଇଡିହି |
| ୪୧୯ | ୨୪୦୬ | ୦.୦୫ | ୦.୦୧ | ଶାରଦ ଏକ | ମୁଟୁରୀ ଜାଲି, ସ୍ୱା: ରଘୁ ଜାଲି, ଜା: ରାଢି, ବା: ନିଜଗାଁ, ନିଅଂଶ ପକ୍ଷେ ଜବରଦଖଲ, ବା: ପ୍ରତାପ ଚନ୍ଦ୍ର ମିଶ୍ର, ପି: ଅଖିଳେଶ୍ୱର ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୪୨୪ | ୮୫୦ | ୧.୨୬ | ୦.୩୦ | ଶାରଦ ଦୁଇ | ରଘୁନାଥ ଷଡଙ୍ଗି, ପି: ମହେଶ୍ୱର ଷଡଙ୍ଗି, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୪୩୩ | ୯୨୭ | ୦.୬୫ | ୦.୧୪ | ଶାରଦ ଦୁଇ | ରମାମଣି ଜେନା, ପି: ରୁଦ୍ର ମାହାନ୍ତି, ମୁଖମଣୀ ମହାନ୍ତି, ସ୍ୱା: ରୁଦ୍ର ମହାନ୍ତି, ଜା: ଖଣ୍ଡାୟତ, ବା: ନିଜଗାଁ |
| ୪୫୩ | ୯୨୬ | ୦.୧୧ | ୦.୦୩ | ଶାରଦ ଦୁଇ | ରାମହରି ସାଉ, ପି: ନାକଫୋଡ଼ି ସାଉ, ଜା: ଗୁଡ଼ିଆ, ବା: ନିଜଗାଁ |
| | ୧୬୦୪ | ୦.୧୫ | ୦.୧୦ | ଶାରଦ ଦୁଇ | |
| | ୧୬୦୮ | ୦.୩୦ | ୦.୧୧ | ଶାରଦ ଦୁଇ | |
| | ୧୬୦୯ | ୦.୧୩ | ୦.୧୩ | ଶାରଦ ଦୁଇ | |
| ୬୪୬/୬୮୮ | ୨୫୪୯ | ୦.୬୧ | ୦.୦୯ | ଶାରଦ ଏକ | ରମେଶ ଚନ୍ଦ୍ର ଦାସ, ପି: ରାମହରି ଦାସ, ଜା: ରାହୁ, ବା: ବଧିମୁହଁ |
| ୪୭୦ | ୮୪୮ | ୦.୫୦ | ୦.୦୩ | ଶାରଦ ଦୁଇ | ରୁକ୍ମଣି ସେନାପତି, ସ୍ୱା: ପ୍ରସନ୍ନ ସେନାପତି, ଜା: ରାହୁ, ବା: ବଧିମୁହଁ |
| ୪୮୦ | ୧୬୦୩ | ୦.୪୦ | ୦.୧୪ | ଶାରଦ ଦୁଇ | ଲକ୍ଷ୍ମୀ ନାରାୟଣ ସ୍ୱାଇଁ, ପି: ରୁଦ୍ର ନାରାୟଣ ସ୍ୱାଇଁ, ଜା: ଖଣ୍ଡାୟତ, ବା: ନିଜଗାଁ |
| | ୧୬୦୬ | ୦.୦୯ | ୦.୦୯ | ଶାରଦ ଦୁଇ | |
| ୪୮୮ | ୮୮୩ | ୨.୨୮ | ୦.୫୫ | ଶାରଦ ଦୁଇ | ଲକ୍ଷ୍ମୀ ମହାପାତ୍ର, ସ୍ୱା: ଶ୍ୟାମ ସୁନ୍ଦର ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ପି: ସୋମନାଥ ମହାପାତ୍ର, ଜା: ଖଣ୍ଡାୟତ, ବା: ନିଜଗାଁ |
| ୪୯୦ | ୮୪ | ୦.୮୭ | ୦.୫୫ | ପତିତ | ଲଶ ମାଝୀ, ମଙ୍ଗଲ ମାଝୀ, କାଣ୍ଡିଆ ମାଝୀ, ପି: ସୁରାଇ ମାଝୀ, ଦାସ ମାଝୀ, ହପ୍ନା ମାଝୀ, ଲକ୍ଷ୍ମଣ ମାଝୀ, ପି: ଜଗା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୧୩୬ | ୧.୬୦ | ୦.୨୦ | ପତିତ | |
| ୪୯୫ | ୨୫୩୮ | ୦.୩୮ | ୦.୦୨ | ଶାରଦ ଏକ | ଶଙ୍କର୍ଷଣ ମାହାନ୍ତି, ପି: ଅକ୍ଷୟ ନାରାୟଣ ମାହାନ୍ତି, ଜା: କରଣ, ବା: ନିଜଗାଁ |
| ୫୦୬ | ୨୮୯୫/୩୦୦୭ | ୦.୧୦ | ୦.୧୦ | ଶାରଦ ଏକ | ସନେଇ ବେହେରା, ପି: ଶିବ ବେହେରା, ଜା: ଗୋଲା, ବା: ବେଣାପୁର, ଜି: ବାଲେଶ୍ୱର |
| ୫୧୮ | ୨୭୮୪ | ୦.୯୮ | ୦.୨୨ | ଶାରଦ ଏକ | ଶଶୀମଣି ନନ୍ଦି, ସ୍ୱା: ଦୈତାରି ନନ୍ଦି, ଜା: ଏକାଦଶତେଲି, ବା: ନିଜଗାଁ |
| ୫୧୯ | ୧୪୮ | ୧.୪୪ | ୦.୩୪ | ଶାରଦ ତିନି | ସାକାଲା ମାଝୀ, ପି: ପଧାନ ମାଝୀ, ପାନ ମାଝୀ, ପି: ପାଲୁ ମାଝୀ, ଗୁରା ମାଝୀ, ପି: ଟେପା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୫୩୧ | ୨୫୬୨ | ୦.୫୪ | ୦.୧୪ | ଶାରଦ ଏକ | ଶ୍ୟାମ ସୁନ୍ଦର ଦାସ ପି: ମଦନ ମୋହନ ଦାସ, ଜା: କରଣ, ବା: ନିଜଗାଁ |
| ୫୪୯ | ୧୪୬ | ୦.୨୬ | ୦.୦୩ | ରାସ୍ତା | ଶ୍ରୀନାଥ ରାଉତ, ପୂର୍ଣ୍ଣିମା ରାଉତ, ଲକ୍ଷ୍ମୀ ରାଉତ, ପି: ଅଭିଳାସ ରାଉତ, ଜା: ବଗାଲ, ବା: ନିଜଗାଁ |
| ୫୫୧ | ୮୯୯ | ୦.୦୮ | ୦.୦୮ | ଶାରଦ ଦୁଇ | ଶିବ ବାରିକ, ପି: ଦୀନବନ୍ଧୁ ବାରିକ, ଜା: ଗୋପାଳ, ବା: ନିଜଗାଁ |
| | ୯୦୩ | ୦.୦୪ | ୦.୦୨ | ଶାରଦ ଦୁଇ | |
| | ୯୦୪ | ୦.୦୪ | ୦.୦୧ | ଶାରଦ ଦୁଇ | |
| | ୯୮୧ | ୦.୦୩ | ୦.୦୧ | ଶାରଦ ତିନି | |
| | ୧୪୧୮ | ୦.୧୦ | ୦.୦୫ | ଘରବାରି | |
| ୫୫୩ | ୯୦୦ | ୦.୦୨ | ୦.୦୧ | ଶାରଦ ଦୁଇ | ଶିବ ଶଙ୍କର ଗିରୀ, ଦିଲୀପ କୁମାର ଗିରୀ, ପି: ରତିକାନ୍ତ ଗିରୀ, ଜା: ରାହୁ, ବା: ନୁଣଚାଟି |
| | ୯୧୯ | ୦.୧୦ | ୦.୦୧ | ଶାରଦ ଦୁଇ | |
| ୫୫୬ | ୨୩୭୧ | ୦.୮୧ | ୦.୨୨ | ଶାରଦ ଏକ | ଶ୍ରୀବାସ ବ୍ରହ୍ମା, ପି: ରାଜକିଶୋର ବ୍ରହ୍ମା, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୨୩୭୨ | ୦.୧୩ | ୦.୦୧ | ଶାରଦ ଏକ | |
| | ୨୩୯୧ | ୦.୫୮ | ୦.୧୫ | ଶାରଦ ଏକ | |
| ୫୫୭ | ୫୮୫ | ୦.୧୨ | ୦.୦୪ | ଆଶୁ | ଶିର ରାଉତ, ପି: ହାଡି ରାଉତ, ଜା: ବଗାଲ, ବା: ନିଜଗାଁ |
| | ୫୮୭ | ୦.୧୪ | ୦.୧୨ | ଆଶୁ | |
| ୫୬୨ | ୨୫୫୦ | ୦.୨୪ | ୦.୧୦ | ଶାରଦ ଏକ | ଶ୍ରୀହରି ବେହେରା, ପି: ନରେନ୍ଦ୍ର ବେହେରା, କୈଳାସ ବେହେରା, ପ୍ରଫୁଲ ବେହେରା, କଟିବୁଢ଼ି ବେହେରା, ପି: ବନମାଳୀ ବେହେରା, ହାରିଆ ବେହେରା, ସ୍ୱା: ବନମାଳୀ ବେହେରା, ଜା: ରାଢି, ବା: ନିଜଗାଁ |
| | ୨୫୫୯ | ୦.୦୯ | ୦.୦୪ | ଶାରଦ ଏକ | |
| ୫୭୯ | ୨୫୩୭ | ୦.୮୦ | ୦.୦୧୬ | ଶାରଦ ଏକ | ସୁଧାଂଶୁ ବ୍ରହ୍ମା, ପି: ଚତୁର୍ଭୁଜ ବ୍ରହ୍ମା, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୩୪୬ | ୨୫୪୦ | ୧.୫୦ | ୦.୦୩ | ଶାରଦ ଏକ | ବିପିନ ବିହାରି ମିଶ୍ର, ପି: ଶ୍ରୀନିବାସ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୩୫୮ | ୫୯୭ | ୦.୨୪ | ୦.୦୯ | ଆଶୁ | ବୁଦ୍ଧିଆ ରାଉତ, ଭୀମ ରାଉତ, ଗହ୍ଳି ରାଉତ, ମୁଟୁରି ରାଉତ, ପି: ପରମା ରାଉତ, ନୁନିଆ ରାଉତ, ଟିମା ରାଉତ, ପରମା ରାଉତ, ପି: କୁନା ରାଉତ, ହାଂଶି ରାଉତ, ସ୍ୱା: କୁନା ରାଉତ, ଜା: ବଗାଲ, ବା: ନିଜଗାଁ |
| ୩୬୩ | ୧୮୮୩ | ୧.୪୨ | ୦.୧୪ | ଶାରଦ ଦୁଇ | ବୈଦ୍ୟନାଥ ଆଚାର୍ଯ୍ୟ, ପି: ଭଗବାନ ଆଚାର୍ଯ୍ୟ, ପଦ୍ମଲାଭ ଆଚାର୍ଯ୍ୟ, ପି: କୃତ୍ତିବାସ ଆଚାର୍ଯ୍ୟ, ଜା: ବ୍ରାହ୍ମଣ, ବା: ନିଜଗାଁ, |
| ୩୭୧ | ୬୭୬ | ୧.୫୪ | ୦.୧୫ | ଶାରଦ ଏକ | ଭଞ୍ଜ ସିଂ, ରଳେ ସିଂ, ପି: ରତନ ସିଂ, ଜା: ଭୂମିଜ, ବା: ଢିଲାଜଗତପୁର, |
| ୩୭୩ | ୫୯୬ | ୦.୨୫ | ୦.୦୮ | ଆଶୁ | ଭରତ ରାଉତ, ପି: ଜୈନ ରାଉତ, ମଡି ରାଉତ, ସ୍ୱା: ଜୈନ ରାଉତ, ଜା: ବଗାଲ, ବା: ନିଜଗାଁ |
| ୩୭୭ | ୨୮୭୯ | ୦.୪୬ | ୦.୧୮ | ଶାରଦ ଏକ | ଭାସ୍କର ପଣ୍ଡା, ପି: ଜଗବନ୍ଧୁ ପଣ୍ଡା, ଜା: ବ୍ରାହ୍ମଣ, ବା: ରାଜଘାଟ |
| ୩୯୦ | ୧୫୦ | ୧.୭୬ | ୦.୨୨ | ଶାରଦ ତିନି | ଭୁଟା, ମାଝୀ, ବାଲକା ମାଝୀ, ଶାଲଏ ମାଝୀ, ପି: ସୁରିଆ ମାଝୀ, ମାନକ ମାଝୀ, ପି: ଭଞ୍ଜ ମାଝୀ, ଗୁରା ମାଝୀ, ଗୋପାଳ ମାଝୀ, ପି: ଭୁଟା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୪୦୧ | ୨୮୯୫/୩୦୦୬ | ୦.୧୯ | ୦.୧୦ | ଶାରଦ ଏକ | ମନହର ବେହେରା, ପି: କୃଷ୍ଣ ବେହେରା, ଜା: ଲକ୍ଷ୍ମୀନାରାୟଣ ଗୋଲା, ବା: ବେଣାପୁର |
| ୪୦୯ | ୧୮୮୦ | ୦.୨୫ | ୦.୦୪ | ଶାରଦ ଦୁଇ | ମହେଶ୍ୱର ପାତ୍ର, ହରେକୃଷ୍ଣ ପାତ୍ର, କାଳିଚରଣ ପାତ୍ର, ପି: ଯଦୁନାଥ ପାତ୍ର, ଜା: ଖଣ୍ଡାୟତ, ବା: ନିଜଗାଁ |
| ୪୧୭ | ୧୯୧୮ | ୦.୧୩ | ୦.୦୫ | ଶାରଦ ଦୁଇ | ମୁଖଦା ବ୍ରହ୍ମା, ସ୍ୱା: ପରମେଶ୍ୱର ବ୍ରହ୍ମା, ବା: ନିଜଗାଁ |
| | ୨୪୦୭ | ୦.୪୭ | ୦.୦୯ | ଶାରଦ ଏକ | |
| ୪୧୮ | ୨୨୯୦ | ୦.୫୪ | ୦.୧୬ | ଶାରଦ ଏକ | ମୁକ୍ତେଶ୍ୱର ବ୍ରହ୍ମା, ପରମେଶ୍ୱର ବ୍ରହ୍ମା, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୨୩୬୭ | ୦.୪୨ | ୦.୦୫ | ଶାରଦ ଏକ | |
| ୫୮୫ | ୧୯୧୯ | ୧.୧୯ | ୦.୩୨ | ଶାରଦ ଦୁଇ | ସ୍ୱର୍ଣ୍ଣମଣୀ ଷଡ଼ଙ୍ଗି, ସ୍ୱା: କାଳିଚରଣ ଷଡ଼ଙ୍ଗି, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୬୦୨ | ୪୫ | ୦.୯୯ | ୦.୦୫ | ଶାରଦ ତିନି | ସୁରେଶ ପାତ୍ର, ପି: ଗୁହିଆ ପାତ୍ର, ଗୁନାଧାର ପାତ୍ର, ପି: ସାମ ପାତ୍ର, ଜା: ପାଣ ତନ୍ତି, ବା: ନିଜଗାଁ |
| | ୧୨୫ | ୦.୧୪ | ୦.୦୬ | ଶାରଦ ତିନି | |
| | ୧୨୭ | ୦.୬୦ | ୦.୧୦ | ଶାରଦ ଦୁଇ | |
| ୬୦୮ | ୫୯୯/୩୦୧୫ | ୦.୪୦ | ୦.୦୧ | ଡାହି ଦୁଇ | ସୁସୁ ମୁର୍ମୁ, ପି: ବିଶୁ ମୁର୍ମୁ, ଜା: ସାନ୍ତାଳ, ବା: ନିଜଗାଁ |
| ୬୨୭ | ୨୫୩୬ | ୧.୩୩ | ୦.୪୨ | ଶାରଦ ଦୁଇ | ହରିହର ପାତ୍ର, ପି: କୃଷ୍ଣଚନ୍ଦ୍ର ପାତ୍ର, ଜା: ଏକାଦଶତେଲି, ବା: ନିଜଗାଁ |
| ୬୪୬/୫ | ୧୮୯୪ | ୦.୧୬ | ୦.୦୫ | ଶାରଦ ଦୁଇ | କାଳିଚରଣ ପାତ୍ର, ପି: ଯଦୁନାଥ ପାତ୍ର, ଜା: ଖଣ୍ଡାୟତ, ବା: ନିଜଗାଁ |
| ୬୪୬/୨୭ | ୯୫୫ | ୩.୩୦ | ୦.୮୦ | ଶାରଦ ଦୁଇ | ରବୀନ୍ଦ୍ର ନାଥ ବାରିକ, ସୁରେନ୍ଦ୍ର ନାଥ ବାରିକ, ପି: ଦୈତାରୀ ବାରିକ, ଶଙ୍କରୀ ବାରିକ, ସ୍ୱା: ଦୈତାରୀ ବାରିକ, ବା: ନିଜଗାଁ, ଶାନ୍ତିଲତା ବାରିକ, ସ୍ୱା: ସାଧୁ ଚରଣ ବାରିକ, ବା: ଅମରୀ, ଥାନା: ବସ୍ତା, ଜିଲ୍ଲା: ବାଲେଶ୍ୱର |
| ୬୪୬/୬୧ | ୬୬୩ | ୧.୧୫ | ୦.୨୫ | ଶାରଦ ଏକ | ବିଜୟ କୁମାର ଜେନା, ପି: ଯୋଗେନ୍ଦ୍ର ନାଥ ଜେନା, ଜା: ଖଣ୍ଡାୟତ, ବା: ସିନ୍ଧୁରକୁଲି, ଥାନା: ବସ୍ତା, ଜିଲ୍ଲା: ବାଲେଶ୍ୱର |
| ୬୪୬/୯୯ | ୨୮୮୬ | ୦.୨୦ | ୦.୧୨ | ଶାରଦ ଏକ | ଗୋବିନ୍ଦ ପ୍ରସାଦ ଘୋଷ, ନାରାୟଣ ପ୍ରସାଦ ଘୋଷ, ବିଭୂତି ଭୂଷଣ ଘୋଷ, ପି: ପ୍ରଫୁଲ୍ଲ କୁମାର ଘୋଷ, ଜା: ଗୋପାଳ, ବା: କୁକୁଡ଼ିଆ, ଥାନା: ଭୋଗରାଇ, ଜି: ବାଲେଶ୍ୱର |
| ୬୪୬/୧୪୧ | ୨୩୬୮ | ୦.୪୦ | ୦.୦୭ | ଶାରଦ ଏକ | କମଳା କର, ସ୍ୱା: ଲକ୍ଷ୍ମୀନାରାୟଣ କର, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୨୩୭୩ | ୧.୦୧ | ୦.୧୨ | ଶାରଦ ଏକ | |
| ୬୪୬/୧୪୨ | ୨୨୯୩/୩୧୮୭ | ୧.୧୦ | ୦.୨୨ | ଶାରଦ ଏକ | ଲକ୍ଷ୍ମୀନାରାୟଣ କର, ପି: ଯୋଗେନ୍ଦ୍ର କର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୬୪୬/୧୪୭ | ୨୨୯୩ | ୦.୬୯ | ୦.୦୧ | ଶାରଦ ଏକ | ହାଡ଼ିଆ ମାରାଣ୍ଡି, ମୀର୍ଜା ମାରାଣ୍ଡି, ସମରାୟ ମାରାଣ୍ଡି, ସୁକୁଲ ମାରାଣ୍ଡି, ପି: ଲସ ମାରାଣ୍ଡି, ଜା: ସାନ୍ତାଳ, ବା: ବଧିମୁହଁ |
| ୬୪୬/୧୮୨ | ୧୮୮୪ | ୦.୩୮ | ୦.୧୦ | ଶାରଦ ଦୁଇ | ପ୍ରଦୀପ କୁମାର ମିଶ୍ର, ଦିଲୀପ କୁମାର ମିଶ୍ର, ସଞ୍ଜୀବ କୁମାର ମିଶ୍ର, ପି: ସିଦ୍ଧେଶ୍ୱର ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୬୪୬/୨୧୨ | ୨୮୯୪ | ୦.୩୩ | ୦.୦୧ | ଶାରଦ ଏକ | ଶ୍ରୀଧର ସାହୁ, ପି: ହରେକୃଷ୍ଣ ସାହୁ, ଜା: ସୁଣ୍ଡି, ବା: ବେଣାପୁର, ଥାନା: ବସ୍ତା, ଜି: ବାଲେଶ୍ୱର |
| ୬୪୬/୨୧୮ | ୨୭୯୯ | ୦.୪୮ | ୦.୨୦ | ଶାରଦ ଏକ | ନରେନ୍ଦ୍ରନାଥ ଜେନା, ଅଶୋକ କୁମାର ଜେନା, ଶିବ ପ୍ରସାଦ ଜେନା, ଦେବେନ୍ଦ୍ର ନାଥ ଜେନା, ପି: ସୋମନାଥ ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ |
| ୬୪୬/୨୨୧ | ୧୩୫ | ୧.୧୬ | ୦.୩୬ | ପତିତ | ସେକ୍ରେଟେରୀ ରାଧାଗୋବିନ୍ଦ ଆଞ୍ଚଳିକ ମହାବିଦ୍ୟାଳୟ, ଅମର୍ଦା, ବା: ଅମର୍ଦା |
| | ୨୯୩/୩୨୩୦ | ୩.୦୨ | ୦.୯୩ | ଆଶୁ | |
| ୬୪୬/୨୨୭ | ୧୩୧/୩୨୩୭ | ୦.୦୪ | ୦.୦୨ | ଘରବାରି | ନରେନ୍ଦ୍ର ଦାସ, ପି: ପ୍ରତାପ ଚନ୍ଦ୍ର ଦାସ, ଜା: ଏକାଦଶତେଲି, ବା: ନିଜଗାଁ |
| ୬୪୬/୨୪୧ | ୧୫୧୭ | ୨.୫୯ | ୦.୦୧ | ଶାରଦ ଦୁଇ | ନୀଳମାଧବ ମହାନ୍ତି, ପି: ବାସୁଦେବ ମହାନ୍ତି, ଜା: କରଣ, ବା: ନିଜଗାଁ |
| ୬୪୬/୨୪୬ | ୨୫୩୨ | ୦.୨୫ | ୦.୦୪ | ଶାରଦ ଏକ | ପ୍ରଫୁଲ୍ଲ କୁମାର ମିଶ୍ର, ପି: ରାମଚନ୍ଦ୍ର ମିଶ୍ର, ଜା: ବ୍ରାହ୍ମଣ, ବା: ଅମର୍ଦା, ସୁଶୀଳା ମିଶ୍ର, ସ୍ୱା: ଦେବେନ୍ଦ୍ରନାଥ ମିଶ୍ର, ଜା: ବ୍ରାହ୍ମଣ, ବା: ପଣିସାପଡ଼ା, ଉର୍ମିଳା ଆଚାର୍ଯ୍ୟ, ସ୍ୱା: ପଦ୍ମଲୋଚନ ଆଚାର୍ଯ୍ୟ, ଜା: ବ୍ରାହ୍ମଣ, ବା: ବାଲେଶ୍ୱର, ଜି: ବାଲେଶ୍ୱର |
| ୬୪୬/୨୭୩ | ୨୮୮୪ | ୦.୧୮ | ୦.୦୮ | ଶାରଦ ଏକ | କାହ୍ନଚରଣ ସାହୁ, ପି: ବିଶ୍ୱନାଥ ସାହୁ, ଜା: ଗୁଡ଼ିଆ, ବା: ତମ୍ୟାଖୁରୀ |
| ୬୪୬/୨୮୬ | ୧୫୦୩/୩୨୭୪ | ୪.୩୮ | ୦.୨୨ | ଶାରଦ ତିନି | ସ୍ୱାପ୍ନିତା ମହାନ୍ତି, ସ୍ୱା: ଅନିଲ କୁମାର ମହାନ୍ତି, ଜା: କରଣ, ବା: ନିଜଗାଁ |
| ୬୪୬/୨୮୯ | ୨୭୮୬ | ୧.୫୫ | ୦.୧୪ | ଶାରଦ ଏକ | ନିରଞ୍ଜନ ଗିରି, ଗୋପାଳ ଚନ୍ଦ୍ର ଗିରି, ପି: କାର୍ତ୍ତିକ ଚନ୍ଦ୍ର ଗିରି, ଜା: ଏକାଦଶତେଲି, ବା: ଚାଳନ୍ତୀ, ଥାନା: ଜଳେଶ୍ୱର, ଜି: ବାଲେଶ୍ୱର |

SEE NEXT PAGE

# ଧରିତ୍ରୀ
DHARITRI

## ସଂକ୍ଷେପରେ

### ଫେରାର ଗାଡ଼ି ଚାଳକ ଗିରଫ

ଦିଗପହଣ୍ଡି,୩୦।୫(ଡି.ଏନ.ଏ.)-ବ୍ରହ୍ମପୁର-ଦିଗପହଣ୍ଡି ମୁଖ୍ୟରାସ୍ତାର ଅନଙ୍ଗପୁର ଗ୍ରାମ ତ୍ରିନାଥ ମନ୍ଦିର ସମ୍ମୁଖରେ ଗତ ୧୨ ତାରିଖ ରାତି ପ୍ରାୟ ସାଢ଼େ ୮ଟାରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ବାଇକ ଆରୋହୀଦ୍ୱୟଙ୍କୁ ଗ୍ରାମବାସୀ ଉଦ୍ଧାର କରୁଥିବା ବେଳେ ହଠାତ୍ ଏକ ଟାଟା ଏସିଇ ସେମାନଙ୍କ ଉପରେ ମାଡ଼ି ଯାଇଥିଲା। ଦୁର୍ଘଟଣା ଘଟାଇ ଫେରାର୍ ଥିବା ଗାଡ଼ି ଚାଳକଙ୍କୁ ଦିଗପହଣ୍ଡି ପୋଲିସ ଗୁରୁବାର ଗିରଫ କରିଛି। ସେ ହେଲେ ଅନନ୍ତେଇ ଗ୍ରାମର ମିଟୁ ଗୌଡ଼। ମାମଲା ନଂ.୯୭/୧୯ ଅନୁଯାୟୀ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ଆହତ ବାଇକ ଚାଳକଙ୍କୁ ଉଦ୍ଧାର ବେଳେ ଟାଟା ଏସିଇ ମାଡ଼ିଯିବାରୁ ଅନଙ୍ଗପୁର ଗ୍ରାମର ଏନ. ଟୁଟୁ ରେଡ୍ଡୀ, ବି. ଆଶିଷ ରେଡ୍ଡୀ, କୃଷ୍ଣ ଗୌଡ଼, ବି. ଚନ୍ଦ୍ର ରେଡ୍ଡୀ, ପି. ରାଜେନ୍ଦ୍ର ରେଡ୍ଡୀ ଆହତ ହୋଇଥିଲେ। ଟୁଟୁଙ୍କୁ ପ୍ରଥମେ ଦିଗପହଣ୍ଡି ଓ ପରେ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା ।

### ଘୋଡ଼ାହାଡ଼ ନଦୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଦିଗପହଣ୍ଡି,୩୦।୫(ଡି.ଏନ.ଏ.)-ସାନଖେମୁଣ୍ଡି ବ୍ଲକ ତିଳେଶ୍ୱର ଗ୍ରାମ ନିକଟ ଘୋଡ଼ାହାଡ଼ ନଦୀଗଣ୍ଡରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଆକୁଳ ସ୍ୱାଇଁ। ଗୁରୁବାର ସନ୍ଧ୍ୟା ପ୍ରାୟ ସାଢ଼େ ୫ଟାରେ ଆକୁଳ ନଦୀକୁ ଗାଧୋଇବା ପାଇଁ ଯାଇ ଗଣ୍ଡରେ ବୁଡ଼ି ଯାଇଥିଲେ। ଏହା ଦେଖି ସେଠାରେ ଗାଧୋଉଥିବା କେତେଜଣ ଗ୍ରାମବାସୀ ଦିଗପହଣ୍ଡି ଅଗ୍ନିଶମ ବାହିନୀକୁ ଜଣାଇଥିଲେ। ଅଗ୍ନିଶମ ଅଧିକାରୀ ବିଜୟ କୁମାର ନାୟକ ସଦଳବଳ ପହଞ୍ଚି ପାଣିରୁ ଆକୁଳଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦିଗପହଣ୍ଡି ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି।

### ରାମଚଣ୍ଡୀ ପୀଠରୁ ଚୋରି

ଛତ୍ରପୁର,୩୦।୫(ଡି.ଏନ୍.ଏ.)- ଛତ୍ରପୁର ଉପକଣ୍ଠରେ ଥିବା ରାମଚଣ୍ଡୀ ମନ୍ଦିରରୁ ବୁଧବାର ରାତିରେ ଚୋରି ହୋଇଛି। କେହି ଦୁର୍ବୃତ୍ତ ମନ୍ଦିର କବାଟ ତାଲା ଭାଙ୍ଗି ମା'ଙ୍କ ମୁକୁଟ ଓ ଅଳଙ୍କାର ଚୋରି କରି ନେଇଛି। ସକାଳୁ ଏହା ଜଣାପଡିବା ପରେ ମନ୍ଦିର କମିଟି ପକ୍ଷରୁ ଗଞ୍ଜାମ ଥାନାରେ ଏତଲା ଦିଆଯାଇଛି। ପୂର୍ବରୁ ମଧ୍ୟ ବାରମ୍ବାର ମନ୍ଦିରରୁ ଚୋରି ହୋଇଛି। ପ୍ରକାଶ ଯେ, ଏବେ ମନ୍ଦିର ପୁନର୍ନିର୍ମାଣ କାମ ଚାଲିଛି।

# ଡାକ୍ତରଖାନା ପରିସର ଶୌଚାଳୟରେ ତାଲା

ଫୁଲବାଣୀ ଅଫିସ, ୩୦।୫

କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ନିର୍ମିତ ଜନତା ଶୌଚାଳୟରେ ଦୀର୍ଘ ବର୍ଷ ହେବ ତାଲା ପଡିଛି। ଫଳରେ ଯେଉଁ ଉଦ୍ଦେଶ୍ୟ ନେଇ ଏହା ନିର୍ମାଣ ହୋଇଥିଲା ତାହା ସଫଳ ପରିବର୍ତ୍ତେ ବିଫଳ ହୋଇଛି। ସ୍ୱଚ୍ଛତା ପ୍ରତି ଜିଲା ପ୍ରଶାସନ ଗୁରୁତ୍ୱ ଦେଉଥିବା ବେଳେ ଡାକ୍ତରଖାନା ପରିସରରେ ଲୋକେ ଶୌଚାଳୟ ବ୍ୟବହାର କରି ନ ପାରି ହଇରାଣ ହେଉଛନ୍ତି। ବିଶେଷ କରି ରୋଗୀ ସମ୍ପର୍କୀୟ ବହୁ ଅସୁବିଧା ଭୋଗୁଛନ୍ତି।

ଫୁଲବାଣୀ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍ଏସି) ଥିବାବେଳେ ଏହି ଶୌଚାଳୟ ନିର୍ମାଣ ହୋଇ ଉଦ୍‌ଘାଟନ ହୋଇଥିଲା। ସେବେଠୁ ଏହା ଅଚଳ ହୋଇପଡିଛି। ଗତ ବର୍ଷେରୁ ଊର୍ଦ୍ଧ୍ୱ ହେବ ପୌର ପରିଷଦ ଏହାର ପୁନରୁଦ୍ଧାର କରିବା ସତ୍ତ୍ୱେ ବି ତାହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ଜିଲାବାସୀଙ୍କ ସମେତ ବୌଦ୍ଧ, ଦଶପଲ୍ଲା ଆଦି ଅଞ୍ଚଳର ରୋଗୀ ନିର୍ଭର କରିଥାନ୍ତି। ଚିକିତ୍ସାଳୟରେ ଥିବା ଶୌଚାଳୟକୁ ଡାକ୍ତରଖାନା କର୍ତ୍ତୃପକ୍ଷ, ନର୍ସ, କର୍ମଚାରୀ ଆଦି ବ୍ୟବହାର କରୁଛନ୍ତି। କେତେକ ସ୍ଥଳରେ ତାଲା ବି ପକାଇ ଦିଆଯାଉଛି। ରୋଗୀ ଏବଂ ସମ୍ପର୍କୀୟଙ୍କ ପାଇଁ ଯେଉଁ କେତେଟି ଖୋଲାଯାଇଛି ତାହା ବ୍ୟବହାର ଉପଯୋଗୀ ରହୁନାହିଁ। ତେଣୁ ଜନତା ଶୌଚାଳୟ କାର୍ଯ୍ୟକ୍ଷମ କରାଗଲେ ରୋଗୀ ସମ୍ପର୍କୀୟ, ଚିକିତ୍ସାଳୟକୁ ଆସୁଥିବା ଲୋକେ ଉପକୃତ ହୁଅନ୍ତେ ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପୌର ପରିଷଦ ନିର୍ବାହୀ ଅଧିକାରୀ ରାଧାମୋହନ ବେହେରା କହିଛନ୍ତି, ଶୌଚାଳୟରେ ଥିବା ଟ୍ୟୁବୱେଲ ପାଇପରେ କେହି ପଥର ଭର୍ତ୍ତି କରି ଦେଇଛନ୍ତି। ଫଳରେ ପାଣି ଉଠୁନାହିଁ। ଯନ୍ତ୍ରପାତି ସାହାର୍ଯ୍ୟରେ ତାକୁ କାଢ଼ିବାକୁ ଉଦ୍ୟମ କରାଯାଉଛି। ନ ହେଲେ ପୁଣି ନୂତନ ନଳକୂପ ଖୋଳି କାର୍ଯ୍ୟକ୍ଷମ କରିବାକୁ ଚେଷ୍ଟା କରାଯିବ ବୋଲି କହିଛନ୍ତି।



ବନ୍ଦ ପଡିଥିବା ଶୌଚାଳୟ ।

# ଡ୍ରେନ୍ ନାହିଁ, ବର୍ଷା ହେଲେ ଘରେ ପଶୁଛି ପାଣି


ଲୋକଙ୍କ ଘର ବାହାରେ ପାଣି ଜମି ରହିଛି।

ରାଇକିଆ,୩୦।୫(ଡ଼ି.ଏନ.ଏ.)

ରାଇକିଆ ଷ୍ଟେଟ୍ ବ୍ୟାଙ୍କ ରୋଡ଼ରୁ ପଡ଼ିଶିଲା ଯିବା ରାସ୍ତାରେ ସାମାନ୍ୟ ବର୍ଷା ହେଲେ ପାଣି ଜମୁଛି। ତ୍ରୁଟିପୂର୍ଣ୍ଣ ରାସ୍ତା ନିର୍ମାଣ ଯୋଗୁ ଏଭଳି ସମସ୍ୟା ଉପୁଜୁଥିବା ଲୋକେ ଅଭିଯୋଗ କରିଛନ୍ତି। ଗତ କିଛିମାସ ତଳେ ଏଠାରେ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଥିଲା। ପୂର୍ବରୁ ଡ୍ରେନେଜ ବ୍ୟବସ୍ଥା ନଥିବା ବେଳେ ଏହାକୁ ଦୃଷ୍ଟି ଦିଆ ନଯାଇ ରାସ୍ତା କାମ ହୋଇଥିଲା। ବର୍ତ୍ତମାନ ସାମାନ୍ୟ ବର୍ଷାହେଲେ ରାସ୍ତା କଡରେ ୨ଫୁଟରେ ପାଣି ଜମୁଛି। ଲୋକେ ଘରୁ ବାହାରି ପାରୁନାହାନ୍ତି। ଏପରିକି ଘରେ ମଧ୍ୟ ପାଣି ପଶୁଛି। ୨ଦିନ ତଳେ କାଳବୈଶାଖୀ ପ୍ରଭାବରେ ବର୍ଷା ପରେ ପାଣି ପଶିଯିବାରୁ ଲୋକେ ହଇରାଣ ହୋଇଥିଲେ। ରାଇକିଆ ବ୍ଲକରେ କିମ୍ବା ପଞ୍ଚାୟତ ତରଫରୁ ଏପରି ଅନେକ ସ୍ଥାନରେ ଡ୍ରେନ କିମ୍ବା ରାସ୍ତା ନିର୍ମାଣ ବେଳେ ଲୋକଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦିଆଯାଉନାହିଁ। ଫଳରେ ପରବର୍ତ୍ତୀ ସମୟରେ ବର୍ଷା ହେଲେ କିମ୍ବା ପାଣି ଜମିଲେ ଲୋକେ ହଇରାଣ ହେଉଛନ୍ତି।

## ଡାକ୍ତରଙ୍କ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ପାଟପୁର,୩୦।୫(ଡି.ଏନ.ଏ.)

ସାନଖେମୁଣ୍ଡି ବ୍ଲକ ହିଞ୍ଜିଳି ଥାନା ଅନ୍ତର୍ଗତ ଡ଼େଙ୍ଗାଡ଼ି ପଞ୍ଚାୟତ ପଥରପୁଞ୍ଜି ଗ୍ରାମର ଜଣଙ୍କ ଘରୁ ବୁଧବାର ବିଳମ୍ବିତ ରାତ୍ରରେ ଚୋରି ହୋଇଛି। ଗାଁ ଶେଷ ମୁଣ୍ଡରେ ଥିବା ଡା. ବାହାନ ଦାସଙ୍କ ବାରିପଟ କବାଟ ଭାଙ୍ଗି ଘରେ ପଶି ଦୁର୍ବୃତ୍ତ ପେଢ଼ି, ଆଲମିରାରୁ ଲୁଟ କରିଛନ୍ତି । ବାହାନଙ୍କ ଘରୁ ୨୦ ଗ୍ରାମର ସୁନା ଅଳଙ୍କାର, ଦୁଇ ହଳ ରୂପା ପାଉଁଜି ଓ ୪୫୦୦ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ସେହିପରି ଦୁର୍ବୃତ୍ତମାନେ ଅନ୍ୟ ୩ଟି ଘରେ ଚୋରି ପାଇଁ ଉଦ୍ୟମ କରି ବିଫଳ ହୋଇଛନ୍ତି। ଗୁରୁବାର ଘଟଣାସ୍ଥଳରେ ହିଞ୍ଜିଳି ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ,ଡାକ୍ତର ଦାସ ଆଡ଼ପଡ଼ା ଡାକ୍ତରଖାନାରେ ଡ୍ୟୁଟିରେ ଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଘରେ ପଶି ଚୋରି କରିଛନ୍ତି ।

## ୩ ବଖରା ଜଳିଗଲା

ବୁଗୁଡ଼ା,୩୦।୫(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ଅନ୍ତର୍ଗତ କୁଶପଲ୍ଲୀ ଗ୍ରାମରେ ଗୁରୁବାର ଅପରାହ୍ନ ପ୍ରାୟ ୨ଟାରେ କୌଣସି କାରଣରୁ ନିଆଁଲାଗି ୩ ବଖରା ପୋଡ଼ିଯାଇଛି। ଏଥିରେ କୁଶିଆ ନାୟକ, କାଳିଆ ନାୟକ ଓ ସନ୍ନ୍ୟାସୀ ନାୟକଙ୍କ ଏକ ବଖରା ଲେଖାଏ ଘର ଜଳିଯାଇଛି। ଖବରପାଇ ବୁଗୁଡ଼ା ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁ ଲିଭାଇଥିଲେ ।

## ଦୁର୍ଘଟଣାରେ ବାଇକ ଚାଳକ ମୃତ

ବାଲିଗୁଡା,୩୦।୫(ଡି.ଏନ୍.ଏ.)

ବାଲିଗୁଡା ଥାନା ମେଲସିକିଆ ପୋଲ ନିକଟରେ ବାଇକ ଦୁର୍ଘଟଣାରେ ଜଣେ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମେଲସିକିଆ ଗ୍ରାମର କ୍ଷେତ୍ରମଣି ଦିଗାଳ। କ୍ଷେତ୍ରମଣି ବାଇକ ଯୋଗେ ବାଲିଗୁଡାରୁ ମେଲସିକିଆ ଯିବାବେଳେ ମୁସୁକୁଲି ପୋଲ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ୧୦୮ ଆମ୍ବୁଲାନ୍ସ ଆହତ କ୍ଷେତ୍ରମଣିଙ୍କୁ ଉଦ୍ଧାରକରି ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

କ.ନୂଆଗାଁ,୩୦।୫(ଡି.ଏନ.ଏ.)

ସାରଙ୍ଗଗଡ଼ ଥାନା ବଣ୍ଡଗୁଡ଼ା ବସଷ୍ଟାଣ୍ଡ ଛକରେ ଗୁରୁବାର ପୂର୍ବାହ୍ନରେ ଏକ ସାଇକେଲ ସହ ବାଇକ୍ ଧକ୍କା ହୋଇ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁଦର୍ଶନ ପ୍ରଧାନ (୩୦)। ବାଇକ୍ ଆରୋହୀ ଅନ୍ୟ ୨ ଜଣ ଚଞ୍ଚଳାସାହିର ଅଶ୍ୱିନ ପାତ୍ର, ନିରଞ୍ଜନ ପ୍ରଧାନଙ୍କ ସମେତ ସାଇକେଲ ଚାଳକ ବିଶିକେଶନ ବେହେରା ମଧ୍ୟ ଗୁରୁତର ଆହତ ହୋଇଛନ୍ତି । ସେମାନେ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ପ୍ରକାଶ ଯେ, ଗୋଟିଏ ବାଇକରେ ସୁଦର୍ଶନ, ଅଶ୍ୱିନ ଓ ନିରଞ୍ଜନ ଚଞ୍ଚଳାସାହିକୁ ଯାଉଥିଲେ। ସୁଦର୍ଶନ ମଝିରେ ବସିଥିଲେ। ବଣ୍ଡଗୁଡ଼ା ଛକରେ ବାଇକଟି ସାଇକେଲରେ ଯାଉଥିବା ବିଶିକେଶନଙ୍କୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ସମସ୍ତେ ଆହତ ହେବାରୁ ସାରଙ୍ଗଗଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ସୁଦର୍ଶନଙ୍କୁ ଡାକ୍ତର ମୃତ ଘୋଣେ। କରିଥିଲେ। ଅନ୍ୟମାନଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

## ଦାରିଙ୍ଗବାଡିରେ ଆମ ପୋଲିସ ସମିତି ବୈଠକ

# ଟ୍ରାଫିକ ସମସ୍ୟା ସୁଧାରିବାକୁ ଦାବି

ଦାରିଙ୍ଗବାଡି,୩୦ ।୫(ଡି.ଏନ.ଏ.)

ଦାରିଙ୍ଗବାଡି ଥାନା ପରିସରରେ ଗୁରୁବାର ଆମ ପୋଲିସ ସମିତି ବୈଠକ ଥାନା ଭାରପ୍ରାପ୍ତ ଅଧିକାରୀ ଗୋପାଳକୃଷ୍ଣ ଆଗୁପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଦାରିଙ୍ଗବାଡି ଥାନା ଅଞ୍ଚଳରେ ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆଲୋଚନା ହୋଇଥିଲା। ବେପରୁଆ ଗାଡି ଚାଳନା, ବିଶେଷ କରି ଅଞ୍ଚଳରେ ଯାତାୟାତ କରୁଥିବା ମାଲବାହୀ ଟ୍ରକ ସମେତ ହାଇୱା, ଟ୍ରାକ୍ଟର, ଯାତ୍ରୀବାହୀ ଅଟୋ ଏବଂ ବାଇକ୍‌ଗୁଡିକ ନିୟମିତ ଦୁର୍ଘଟଣା ଘଟାଉଛନ୍ତି। ଏଥିରେ ବହୁ ଧନଜୀବନ ହାନି ହେଉଛି। ବଜାର ମଧ୍ୟରେ ବାଇକ ଏବଂ ଅଟୋ ଦ୍ରୁତଗତିରେ ଯାତାୟାତ କରୁଥିବା ବେଳେ ଯୁବପିଢୀ ଷ୍ଟଣ୍ଟ ପ୍ରଦର୍ଶନ କରୁଥିବା ଚିନ୍ତାର ବିଷୟ ପାଲଟିଛି। ଏଥିପାଇଁ ଦୁର୍ଘଟଣା ମଧ୍ୟ ବଢୁଛି। ଭୌଗୋଳିକ ସ୍ଥିତି ଦେଖିଲେ ଅଙ୍କାବଙ୍କା ରାସ୍ତା ମଧ୍ୟ ଦୁର୍ଘଟଣାର ଅନ୍ୟଏକ କାରଣ। କନ୍ଧମାଳ ଏସ୍‌ପି ଜିଲାର ସମସ୍ତ ଥାନା ଅଞ୍ଚଳର ଅଙ୍କାବଙ୍କା ଏବଂ ଦୁର୍ଘଟଣାପ୍ରବଣ ସ୍ଥାନ ଚିହ୍ନଟ କରିବାକୁ ଥାନାଗୁଡିକୁ ନିର୍ଦ୍ଦେଶ ଦେଇଥିବା ଭାରପ୍ରାପ୍ତ ଅଧିକାରୀ ଆଗୁପାତ୍ର ବୈଠକରେ ସୂଚନା ଦେଇଥିଲେ। ସେହିପରି ଦାରିଙ୍ଗବାଡି ଦେଇ ଯାଇଥିବା ଜାତୀୟ ରାଜପଥ ଉପରେ ପାର୍କିଂ ଏବଂ ଗୋରୁଙ୍କ ବିଚରଣ ଯୋଗୁ ଟ୍ରାଫିକ ସମସ୍ୟା ବୃଦ୍ଧି ପାଉଛି ଏହାର ସମାଧାନ ପାଇଁ ଲୋକେ ପୋଲିସକୁ ନିବେଦନ କରିଥିଲେ। ପୋଲିସ ପକ୍ଷରୁ କୁହାଯାଇଥିଲା ଯେ ଶିଶୁ ନିର୍ଯାତନା ଏବଂ ନାରୀ ନିର୍ଯାତନା ରୋକିବାକୁ ଲୋକଙ୍କ ସହଯୋଗର ଆବଶ୍ୟକତା ରହିଛି। ଅଧିକାଂଶ ସମୟରେ ନାବାଳିକାମାନେ ମଧ୍ୟ ମାନସିକ ଏବଂ ଶାରୀରିକ ନିର୍ଯାତନା ପାଉଛନ୍ତି। ଏହାକୁ ରୋକିବା ପାଇଁ ଅଭିଭାବକମାନଙ୍କ ମଧ୍ୟରେ ସଚେତନତାର ଆବଶ୍ୟକତା ରହିଥିବା କୁହାଯାଇଥିଲା। ବିଭିନ୍ନ ସ୍କୁଲ କଲେଜରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ କରାଯିବାକୁ କୁହାଯାଇଥିଲା। ପ୍ରତିମାସିକ ପଞ୍ଚାୟତ ବୈଠକରେ ଥାନା ପକ୍ଷରୁ ଲୋକଙ୍କୁ ସଚେତନ କରାଯିବାକୁ ଆଲୋଚନା ହୋଇଥିଲା। ଅଞ୍ଚଳର ସମସ୍ତ ଡ୍ରେନ ସଫା ରଖାଯିବା ସହ ସ୍ୱଚ୍ଛତା ଉପରେ ପୋଲିସ କାର୍ଯ୍ୟ କରିବା, ନୋ ହେଲ୍‌ମେଟ ନୋ ପେଟ୍ରୋଲ ନିୟମ କଡାକଡି କରିବାକୁ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସବଇନ୍ସପେକ୍ଟର ସୌମ୍ୟରଞ୍ଜନ ଜେନା, ଅନିଲ କୁମାର ଦେବତା, ହାବିଲଦାର ଗଜେନ୍ଦ୍ର ବିଶୋୟୀ, ବଣିକ ସଂଘର ସନ୍ତୋଷ କୁମାର ସାହୁ, ଟ୍ରାକ୍ଟର ସଂଘ ସଭାପତି କ୍ଷେତ୍ରୀବଳ ନାୟକ, ଉପସଭାପତି ନୀଳମାଧବ ସାହୁ, ଦନେକବାଡି ସରପଞ୍ଚ ପ୍ରତିନିଧି ଯୁନଶ ପ୍ରଧାନ, ସିଆଙ୍ଗବାଲି ସରପଞ୍ଚ ଅନିମା ପ୍ରଧାନ, ଗ୍ରୀନବାଡି ସରପଞ୍ଚ ସଞ୍ଜୟ ପ୍ରଧାନ, ପର୍ତ୍ତମାହା ସରପଞ୍ଚ ଫଗୁ ପ୍ରଧାନ, ଆଇନଜୀବୀ ମାଥ୍ୟୁସ ପ୍ରଧାନ ପ୍ରମୁଖ ଉପସ୍ଥିତି ରହିଥିଲେ। ଶେଷରେ ସବଇନ୍ସପେକ୍ଟର ସୌମ୍ୟରଞ୍ଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।


ସମିତି ବୈଠକରେ ଉପସ୍ଥିତ ଅଧିକାରୀ।









2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ